## ସଂକ୍ଷେପରେ

### ପଦ୍ମପୁରର ବିଭିନ୍ନ ମଠରେ ଝୁଲଣ ଯାତ୍ରା



ପଦ୍ମପୁର, ୧୪।୮ (ଡି.ଏନ୍.ଏ.) ରାୟଗଡ଼ା ଜିଲା ପଦ୍ମପୁର ସହରସ୍ଥିତ ବିଭିନ୍ନ ମଠରେ ରାଧାକୃଷ୍ଣଙ୍କ ଝୁଲଣ ଯାତ୍ରା ଅନୁଷ୍ଠିତ ହୋଇଛି। ଯୁଗୋଳ କିଶୋର ମହାପ୍ରଭୁଙ୍କ ମଠ, ଗିରିଧାରୀ ମଠ, ବୃନ୍ଦାବନ ଚନ୍ଦ୍ର ମଠ ଓ ରାଧାକୃଷ୍ଣ ମଠରେ ମହାଆଡମ୍ବରରେ ଏହି ଯାତ୍ରା ପାଳନ ହେଉଛି। ବିଭିନ୍ନ ସାହିର ସଂକୀର୍ତ୍ତନ ଗୋଷ୍ଠୀଙ୍କ ଦ୍ୱାରା କୀର୍ତ୍ତନ ଓ ଭଜନ କରାଯାଉଛି। ଏଥିସହ ଠାକୁରମାନଙ୍କୁ ସୁସଜ୍ଜିତ ଦୋଳିରେ ବସାଇ ଝୁଲା ଯାଉଛି। ଏହାକୁ ଦେଖିବା ପାଇଁ ବହୁ ଭକ୍ତଙ୍କ ସମାଗମ ହେଉଛି।

### ଗୁଣପୁରରେ ଅଖଣ୍ଡ ଭାରତ ଦିବସ



ଗୁଣପୁର,୧୪।୮(ଡି.ଏନ୍.ଏ.)- ଗୁଣପୁରସ୍ଥିତ ଭେଙ୍କେଟଶ୍ୱର ମନ୍ଦିର ପ୍ରାଙ୍ଗଣରରେ ବୁଧବାର ସନ୍ଧ୍ୟାରେ ଅଖଣ୍ଡ ଭାରତ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଶ୍ୱ ହିନ୍ଦୁ ପରିଷଦ ପଶ୍ଚିମ ପ୍ରାନ୍ତର କାର୍ଯ୍ୟକାରିଣୀ ସଦସ୍ୟ ଗୋପାଳ କୃଷ୍ଣ ଦେଓପାତ୍ର, ସଭାପତି ବଳରାମ ସେନାପତି ଏବଂ ଆରଏସ୍ଏସ୍ର ପ୍ରଭାତ ମହାପାତ୍ର ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ କହିଥିଲେ। ବିଗତ ଦିନରେ ଭାରତ ଅଖଣ୍ଡ ଥିଲା। କିପରି ୧୯୪୭ ଅଗଷ୍ଟ ୧୪ ମଧ ରାତ୍ରରେ ଦେଶ ବିଭାଜନ ହୋଇଥିଲା, ତା' ପରିଣାମ ବିଷୟରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧରେ ବିଶ୍ୱ ହିନ୍ଦୁ ପରିଷଦ ସମ୍ପାଦକ ବସନ୍ତ ମିଶ୍ର, ଆରଏସ୍ଏସ୍ର ଦିଲୀପ ପଣ୍ଡାଙ୍କ ସମେତ ଲକ୍ଷ୍ମୀ ପାଣିଗ୍ରାହୀ, ନରସିଂହ ପଟ୍ଟନାୟକ, ଶ୍ରୀନିବାସ ସ୍ୱାଇଁ, ଫାଲଗୁନି ଶବର, ପ୍ରଫୁଲ୍ଲ ଶତପଥୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

### ଓକିଲ ସଂଘ ପକ୍ଷରୁ ଏମ୍ପି, ମନ୍ତ୍ରୀ, ବିଧାୟକଙ୍କୁ ସମ୍ବର୍ଦ୍ଧନା

ରାୟଗଡ଼ା ଅଫିସ,୧୪।୮-ରାୟଗଡ଼ା ଓକିଲ ସଂଘ ସମ୍ମିଳନୀ କକ୍ଷରେ କୋରାପୁଟ ଲୋକ ସଭା ଏମ୍ପି ସପ୍ତଗିରି ଉଲାକା, ରାଜ୍ୟ ଖଦି ଉଦ୍ୟୋଗ ଓ ବୟନ ଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ, ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲିଙ୍କୁ ବୁଧବାର ସମ୍ବର୍ଦ୍ଧିତ କରାଯାଇଛି। ଓକିଲ ସଂଘ ସଭାପତି ବ୍ରଜସୁନ୍ଦର ନାୟକ ଅତିଥିଙ୍କୁ ସ୍ୱାଗତ କରିଥିଲେ। ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରିବାକୁ ରାୟଗଡ଼ା ଏକ ଉପଯୁକ୍ତ ସ୍ଥାନ ବୋଲି ଓକିଲମାନେ ଅତିଥିମାନଙ୍କୁ କହିଥିଲେ। ଓକିଲଙ୍କ ପରାମର୍ଶକୁ ବିଚାରକୁ ନିଆଯିବ ବୋଲି ଅତିଥିମାନେ କହିଥିଲେ। ଅନ୍ୟମାନଙ୍କ ମଧରେ ସମ୍ପାଦକ ପଦ୍ମନାଭ ଦାସ, ଉପସଭାପତି ନିରଞ୍ଜନ ବକ୍ସିପାତ୍ରଙ୍କ ସମେତ ସଂଘର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

■ ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀଙ୍କ ରାୟଗଡ଼ା ଗସ୍ତ

# ନାଗାବଳୀ ନଦୀରେ ନିର୍ମାଣ ହେବ ଗାର୍ଡ଼ୱାଲ

ରାୟଗଡ଼ା ଅଫିସ,୧୪।୮

ରାଜ୍ୟ ହସ୍ତତନ୍ତ ଓ ବୟନ ଶିଳ୍ପମନ୍ତ୍ରୀ ପଦ୍ମିନୀ ଦିଆନ ବୁଧବାର ରାୟଗଡ଼ାର ବିଭିନ୍ନ ସ୍ଥାନ ପରିଦର୍ଶନ କରି ଉନ୍ନୟନ କାର୍ଯ୍ୟ ତଦାରଖ କରିଛନ୍ତି। ମନ୍ତ୍ରୀ ପ୍ରଥମେ ରାୟଗଡ଼ା ଅନଟାରିଗୁଡ଼ାସ୍ଥିତ ନାଗାବଳୀ ନଦୀ ଅଞ୍ଚଳ ବୁଲି ଦେଖିଥିଲେ। ନଦୀର ଦୁଇ ପାର୍ଶ୍ୱ ମାଟି ଖାଇ ଯାଉଥିବା ଦେଖି ସେଠାରେ ଗାର୍ଡ଼ୱାଲ ନିର୍ମାଣ ପାଇଁ ଯୋଜନା କରାଯିବ ବୋଲି ସେ କହିଥିଲେ। ସେଠାରୁ ସେ ଇନ୍ଦ୍ରା ନଗର ୫ମ ଲେନ୍ସ୍ଥିତ ମ୍ୟୁନିସିପାଲଟି ସ୍ୱୟଂ ସହାୟକ ଗୋଷ୍ଠୀ ଗ୍ରୁପ୍ ସହ ସେମାନଙ୍କ ସୁବିଧା ଅସୁବିଧାନେଇ ଆଲୋଚନା କରିଥିଲେ। ପରେ ମନ୍ତ୍ରୀ ସେଠାକାର ଏକ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରି ସ୍କୁଲର ସମସ୍ୟା ଓ ଅନ୍ୟ ସବୁ ବିଷୟରେ ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ଆଲୋଚନା କରିଥିଲେ। ସେଠାରୁ ଏମପି ରୋଡସ୍ଥିତ ମା'ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀ କେନ୍ଦ୍ରକୁ ଯାଇ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଠୁଙ୍ଗା ଓ ଖଲି ଦେଖିଥିଲେ। ଏହାପରେ ମନ୍ତ୍ରୀ ଅମ୍ଲାଭଟାର କୁମ୍ଭାର ସାହି ପରିଦର୍ଶନ କରି ମାଟି ତିଆରି ମୂର୍ତ୍ତି ଓ ଦୀପ କାମ ଦେଖିଥିଲେ। ମନ୍ତ୍ରୀଙ୍କ ଏହି ଗସ୍ତ ବେଳେ ମ୍ୟୁନିସିପାଲିଟି ଏକ୍ଜିକ୍ୟୁଟିଭ ଇଞ୍ଜିନିୟର ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡ଼ି ରାଜ୍ୟ ସମ୍ପାଦିକା ସୁଜାତା ପାଲ, ଜିଲା ମହିଳା ବିଜେଡି ସଭାନେତ୍ରୀ ଅନସୂୟା ମାଝି, ପୂର୍ବତନ ଉପ ନଗରପାଳ ନିରଞ୍ଜନ ବକ୍ସିପାତ୍ର ଉପସ୍ଥିତ ଥିଲେ।



ମନ୍ତ୍ରୀ ନାଗାବଳୀ ନଦୀ ଅଞ୍ଚଳ ପରିଦର୍ଶନରେ ଯାଉଛନ୍ତି।

# ୪୩ ତୋଳା ସୁନା, ୨୧୯ ତୋଳା ରୁପା ଚୋରି

ରାୟଗଡ଼ା ଅଫିସ, ୧୪।୮

ଘରେ କେହି ନ ଥିବାର ସୁଯୋଗ ନେଇ ରାୟଗଡ଼ା ସହରସ୍ଥିତ ଇନ୍ଦିରା ନଗର ୬ଲେନ୍ ନିବାସୀ ଶିବାନୀ ପାତ୍ରଙ୍କ ବାସଭବନରୁ ଦୁର୍ବୃତ୍ତମାନେ ସୁନା, ରୁପା ଲୁଟି ନେଇଛନ୍ତି। ଏ ନେଇ ସେ ରାୟଗଡ଼ା ଥାନାରେ ଏତଲା ଦେବା ପରେ ପୋଲିସ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।

ପ୍ରକାଶ ଯେ, ଶିବାନୀଙ୍କ ବାପା ବ୍ରହ୍ମପୁରରେ ରୁହନ୍ତି। ତାଙ୍କ ଶରୀର ଅସୁସ୍ଥ ଥିବାରୁ ଶିବାନୀ ମା'ଙ୍କୁ ନେଇ ଶନିବାର ବ୍ରହ୍ମପୁର ଯାଇଥିଲେ। ସେଠାରେ ୩ ଦିନ ରହିବା ପରେ ମଙ୍ଗଳବାର ରାତିରେ ରାୟଗଡ଼ାରେ ପହଞ୍ଚିଥିଲେ। ଘର ବାହାରେ ତାଲା ପଡିଥିବା ସତ୍ତ୍ୱେ ଅନ୍ୟ ବାଟ ଦେଇ ଦୁର୍ବୃତ୍ତମାନେ ଘର ଭିତରେ ପଶି ଆଲମାରି ଓ ସିନ୍ଧୁକରୁ ପ୍ରାୟ ୪୩ ତୋଳା ସୁନା ୨୧୯ ତୋଳା ରୁପା ଚୋରି କରି ନେଇଛନ୍ତି। ଏ ନେଇ ଶିବାନୀ ବୁଧବାର ରାୟଗଡ଼ା ଥାନାରେ ଏତଲା ଦେଇଥିଲେ। ରାୟଗଡ଼ା ଥାନାଧିକାରୀ ୧୫୮/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛନ୍ତି। ସହରରେ ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ଅସନ୍ତୋଷ ବୃଦ୍ଧି ପାଇଛି।



ଘଟଣାସ୍ଥଳରେ ତଦନ୍ତ ଚାଲିଛି।

■ ୧୬ ଦଫା ଦାବିରେ ଡେପୁଟି କଲେକ୍ଟରଙ୍କୁ ଯୁବକ ସଂଘର ଦାବିପତ୍ର

# ରାୟଗଡ଼ା ଜିଲ୍ଲାର ବହୁବିଧ ବିକାଶ ଲକ୍ଷ୍ୟ





ଶୋଭାଯାତ୍ରାରେ ଯୁବକ ସଂଘ ସଦସ୍ୟମାନେ।

ରାୟଗଡ଼ା ଅଫିସ, ୧୪।୮

ରାୟଗଡ଼ା ସହରରେ ରହିଥିବା ବିଭିନ୍ନ ସମସ୍ୟା ସମାଧାନ ସହ କ୍ରୀଡ଼ାର ବିକାଶ ପାଇଁ ବୁଧବାର ଶହୀଦ ଲକ୍ଷ୍ମଣ ନାୟକ କ୍ରୀଡ଼ା ଓ ସାଂସ୍କୃତିକ ଯୁବକ ସଂଘ ଏବଂ ରାୟଗଡ଼ା ଯୁବ ବର୍ଗ ଦାବି କରିଛି। ସ୍ଥାନୀୟ ଗାନ୍ଧୀ ପାର୍କ ନିକଟରୁ ଯୁବକ ସଂଘ ସଦସ୍ୟମାନେ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚି ଧାରଣା ଦେଇଥିଲେ। ପରେ ସଂଘ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଡ଼େପୁଟି କଲେକ୍ଟର ସୁବ୍ରତ ପାଣିଗ୍ରାହୀଙ୍କୁ ଏକ ସ୍ମାରକପତ୍ର ଦିଆଯାଇଛି। ଅଞ୍ଚଳର ବେକାରୀ ସମସ୍ୟା ଦୂର, ଜିଲାରେ ଥିବା ସରକାରୀ ଓ ବେସରକାରୀ କାରଖାନା, ରେଲୱେ ଡ଼ିଭିଜନରେ ଅଞ୍ଚଳବାସୀଙ୍କୁ ନିଯୁକ୍ତିରେ ଅଗ୍ରାଧିକାର, ଡ୍ରେନେଜ ବ୍ୟବସ୍ଥା ସୁପରିଚାଳନା, ବାଇପାସ ରାସ୍ତା ନିର୍ମାଣ, ଟ୍ରାଫିକ ସମସ୍ୟା ସମାଧାନ, ନିଶାମୁକ୍ତ ରାୟଗଡ଼ା, କ୍ରିଡ଼ାର ଭିତିଭୂମି ବିକାଶ, ଆବଶ୍ୟକ ଡ଼ାକ୍ତର ନିଯୁକ୍ତି କରିବାକୁ ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି। ଏଥିସହ ଦୀର୍ଘ ୨୦ବର୍ଷ ଧରି ରହିଥିବା କ୍ରୀଡା ବିଭାଗ ସମ୍ପାଦକଙ୍କ ଅନ୍ୟତ୍ର ବଦଳି ଦାବି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ଆଦିବାସୀ ଯୁବ ସଂଘ ସଭାପତି ଭବାନୀ ଜେନା, ସମ୍ପାଦକ ଆପଲ ସ୍ୱାମୀ କାଡ୍ରକାଙ୍କ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### ଦଶହରା ପ୍ରସ୍ତୁତି ବୈଠକ

ଜେକେପୁର, ୧୪।୮ (ଡି.ଏନ୍.ଏ.)

ରାୟଗଡ଼ା ଜିଲା ସଦର ବ୍ଲକ ଚାନ୍ଦିଲି ପଞ୍ଚାୟତସ୍ଥିତ ଜେକେ କାଗଜକଳର ଦଶହରା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। କାଗଜକଳ କାର୍ଯ୍ୟନିର୍ବାହୀ ଉପସଭାପତି ପବନ କୁମାର ସୁରୀଙ୍କ ଅଧକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଛି। ୪୨ ବର୍ଷ ଧରି ଏହି ପୂଜା ଜେକେ କାଗଜକଳ ପରିସରରେ ଧୁମ୍ଧାମ୍ରେ ପାଳିତ ହୋଇଆସୁଛି। ବିଗତ ବର୍ଷ ଆୟବ୍ୟୟର ହିସାବ ପରେ ଚଳିତ ବର୍ଷ ପାଇଁ ଜିଏମ୍, ଏଚ୍ଆର ଆଇଆର୍ ସନ୍ଦୀପ ପାଣ୍ଡେଙ୍କୁ ପୂଜା କମିଟି ସମ୍ପାଦକ ଭାବେ ଚୟନ କରାଯାଇଛି। ଚଳିତ ବର୍ଷ ପୂଜାକୁ ସୂଚାରୁ ରୂପେ ପାଳନ କରିବା ବୈଠକରେ ନିଷ୍ପତ୍ତି ନିଆଯାଇଛି। ପୂଜା ସହ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ଦଶହରା ଦିନ ରାବଣ ପୋଡ଼ି ଅନୁଷ୍ଠିତ ହେବ। ଏହି ବୈଠକରେ ବିଶ୍ୱଜିତ୍ ଦ୍ୱିବେଦୀ, ବିନୟ କୁମାର ଦ୍ୱିବେଦୀ, ନୂତନ ଓ ପୁରାତନ କମିଟି ସଦସ୍ୟ କାଗଜକଳର ଲୋକ ସମ୍ପର୍କ ଅଧିକାରୀ ଉପସ୍ଥିତ ଥିଲେ। ସୁନିଲ କୁମାର ନାଥ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଛନ୍ତି।

# ଝରଣାରେ ଭାସିଯାଇ ଯୁବକ ନିଖୋଜ

## ପ୍ରଶାସନ ପଦକ୍ଷେପ ନେବାକୁ ଦାବିକଲେ ବିଧାୟକ



ବିଧାୟକ ଘଟଣାସ୍ଥଳ ବୁଲି ଦେଖୁଛନ୍ତି ।

ରାୟଗଡ଼ ଅଫିସ୍,୧୪।୮

ରାୟଗଡ଼ା ଜିଲା ଡାଙ୍ଗଲୋଡ଼ି ପଞ୍ଚାୟତ ଖିଡ଼ିଲିଙ୍ଗି ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି। ଖିଡିଲିଙ୍ଗି ଗାଁର କେପା କାଡ୍ରାକା ନାମକ ଜଣେ ଯୁବକ ପଡ଼ୋଶୀ ଆନ୍ଧ୍ରପ୍ରଦେଶର ଲେଡ଼ାଗାଁକୁ ଯାଇଥିଲେ। ସେଠାରୁ ନିଜର ଜଣେ ବନ୍ଧୁଙ୍କ ସହ ଖିଡିଲିଙ୍ଗିକୁ ଫେରୁଥିବା ବେଳେ ଗାଁ ନିକଟ ଝରଣାରେ ତାଙ୍କ ଗୋଡ଼ ଖସିଯାଇଥିଲା ଓ ସେ ଭାସିଯାଇ ନିଖୋଜ ହୋଇଯାଇଥିଲେ। ଦମକଳ ବାହିନୀ ଖବର ପାଇ ସେଠାରେ ପହଞ୍ଚିଥିଲେ ମଧ ଖାଲି ହାତରେ ଫେରିଥିଲେ। ବୁଧବାର ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ସେହି ଗାଁକୁ ଯାଇଥିଲେ ଓ ଏହି ଘଟଣାରେ ଜିଲା ପ୍ରଶାସନ ଗୁରୁତ୍ୱର ସହ ଚିନ୍ତା କରିବା ପାଇଁ ଦାବି କରିଛନ୍ତି। ଏନେଇ ରାୟଗଡ଼ା ଜିଲା ଶେଷଖାଲ ଥାନାରେ ଏକ ମାମଲା ରୁଜୁ ହୋଇଛି।

# ଟ୍ରେନ୍ରୁ ଖସି ଯୁବକ ଗୁରୁତର

ମୁନିଗୁଡ଼ା, ୧୪।୮(ଡି.ଏନ୍.ଏ.)

ରାୟଗଡ଼ା ଜିଲା ମୁନିଗୁଡ଼ା ରେଳ ଷ୍ଟେଶନର କିଛି ଦୂରରେ ବୁଧବାର ଏକ ଦୁର୍ଘଟଣା ଘଟିଛି। ନିଜାମୁଦ୍ଦିମ-ବିଶାଖାପାଟଣା ଏକ୍ସପ୍ରେସରୁ ଖସି ଜଣେ ଯୁବକ ଗୁରୁତର ହୋଇଛନ୍ତି । ସେ ହେଲେ ପଡୋଶୀ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ଜିଲା ପାଲ୍କଣ୍ଡାର ଭି. ନରେଶ। ସେ ରେଳ ଲାଇନ ପାଖରେ ଗୁରୁତର ଅବସ୍ଥାରେ ପଡିଥିବାବେଳେ ସ୍ଥାନୀୟ ପାତ୍ରଗୁଡ଼ାର କିଛି ଯୁବକ ତାଙ୍କୁ ଉଦ୍ଧାର କରି ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ହାତ ଓ ମୁହଁରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ମୁନିଗୁଡ଼ା ରେଳବାଇ ପୋଲିସ ଘଟଣାର ତଦନ୍ତ ଚଳାଇଛି।



ଭି.ନରେଶଙ୍କ ଚିକିତ୍ସା ଚାଲିଛି।

■ ଜିଆଇଇଟି କୃଷି ବିଭାଗର ଦ୍ୱିତୀୟ ସ୍ମୃତି ଉତ୍ସବ

# ମାନବ ସମ୍ବଳର ଗୁଣାତ୍ମକ ମାନ ବୃଦ୍ଧିରେ କୃଷିଶିକ୍ଷାର ଗୁରୁତ୍ୱ ଯଥେଷ୍ଟ

ଗୁଣପୁର,୧୪।୮(ଡି.ଏନ୍.ଏ.)–

ରାୟଗଡା ଜିଲା ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟ କୃଷି ବିଭାଗର ଦ୍ୱିତୀୟ ସ୍ମୃତି ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏଥିରେ ପ୍ରଫେସର କୈଳାସ ବିହାରୀ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ କୃଷି ବୈଜ୍ଞାନିକ ପ୍ରଫେସର ସତ୍ୟ ରଞ୍ଜନ ଦାସ ମୁଖ୍ୟ ଅତିଥି, ଭୁବନେଶ୍ୱର ଓୟୁଏଟି ପୂର୍ବତନ ଡିନ ପ୍ରଫେସର ଲଳିତ ମୋହନ ଗଡନାୟକ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ମାନବ ସମ୍ବଳର ଗୁଣାତ୍ମକ ମାନ ବୃଦ୍ଧିରେ କୃଷିଶିକ୍ଷାର ଗୁରୁତ୍ୱ ବିଷୟରେ ଅତିଥିମାନେ ଆଲୋକପାତ କରିଥିଲେ। ଏଥିସହ ସବୁଜ ବିପ୍ଳବ ଏବଂ କୃଷି କ୍ଷେତ୍ରରେ ଘଟିଥିବା ଅନ୍ୟ ବୈପ୍ଳବିକ ଆନ୍ଦୋଳନ ସମ୍ବନ୍ଧରେ ସେମାନେ ସୂଚନା ଦେଇଥିଲେ। ଓୟୁଏଟିରୁ ବାହାରିଥିବା ପ୍ରତୀକ୍ଷା, ଖଣ୍ଡଗିରି, ମନ୍ଦାକିନୀ ଧାନ ବିଷୟରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ଧାରଣା ଦେଇଥିଲେ। କୃଷି ମହାବିଦ୍ୟାଳୟ ପ୍ରଫେସର ସନ୍ତୋଷ କୁମାର ପଣ୍ଡା କୃଷି କ୍ଷେତ୍ରରେ ଗୁଣାତ୍ମକ ଶିକ୍ଷାଦାନ ଏବଂ ମହାବିଦ୍ୟାଳୟର ଉନ୍ନତି ପାଇଁ ପ୍ରସ୍ତାବ ରଖିଥିଲେ। ଉଦ୍ୟାନ କୃଷି ବିଭାଗ ଅଧ୍ୟାପିକା ଗଙ୍ଗୋତ୍ରୀ ମିଶ୍ର ମହାବିଦ୍ୟାଳୟର ପ୍ରଗତି ବିଷୟରେ କହିଥିଲେ। ତର୍କ ଏବଂ କୁଇଜ୍ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ପ୍ରଶାସନିକ ଅଧିକାରୀ ଅଶୋକ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

### ଚିତ୍ରାଙ୍କନ, ସଙ୍ଗୀତ ପ୍ରତିଯୋଗିତା

ରାୟଗଡ଼ା ଅଫିସ,୧୪।୮

ରାୟଗଡ଼ା ବ୍ଲକ ଅଂଟାରିଗୁଡ଼ା ପ୍ରାଥମିକ ବିଦ୍ୟାଳୟରେ ବୁଧବାର ସ୍ୱାଧୀନତା ଦିବସ ଅବସରରେ ଚିତ୍ରାଙ୍କନ ଓ ଦେଶାତ୍ମକବୋଧ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଝଞ୍ଜାବତୀ ୱାର୍କସ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ୨୭ ଜଣ ପ୍ରତିଯୋଗୀ ସାମିଲ ହୋଇଥିଲେ। ଏଥିରେ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ସମ୍ପାଦକ ସରସ୍ୱତି ସାହୁ, ସଭାପତି କୃଷ୍ଣ ପ୍ରିୟା ସାହାଣୀ, ସଂସ୍କୃତି କ୍ଲବ ସଭାପତି ସୁଜାତା ମାଦଳା, ଅଧ୍ୟାପିକା ଅର୍ଚ୍ଚନା ପଟ୍ଟନାୟକ ଉପସ୍ଥିତ ଥିଲେ।



ରାୟଗଡା ବ୍ଲକ ଅଣ୍ଟାରିଗୁଡା ସ୍କୁଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ଓ ଅନ୍ୟମାନେ।

# କେଜିବିଭିରେ ଚାରାରୋପଣ

କୋଲନରା, ୧୪।୮ (ଡି.ଏନ୍.ଏ.)

ରାୟଗଡ଼ା ଜିଲା କୋଲନରା ବ୍ଲକ ସଦରସ୍ଥିତ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ(କେଜିବିଭି) ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ କୋଲନରା ଗୋଷ୍ଠୀ ଶିକ୍ଷାଧିକାରୀ ଏମ୍. ଖଗେଶ୍ୱର ରାଓ, ଭାରପ୍ରାପ୍ତ ଏବିଇଓ ବଂଶୀଧର ବେହେରା, ମୁଖ୍ୟ କିରାଣୀ ଆଶୋକ କୁମାର ସାମଲ, ସିଆରସିସି ଦୀପକ କୁମାର ସାହୁ, ପ୍ରଧାନ ଶିକ୍ଷୟିତ୍ରୀ ବିପୁଳା ପାତ୍ର, ୱାଡେନ୍ ମାନସୀ ମିଶ୍ର, ସହକାରୀ ଶିକ୍ଷକ ଦେବେନ୍ଦ୍ର ଦୋରା, ଦାଶରଥି ଆଚାର୍ଯ୍ୟ, ବିଷ୍ଣୁ ପ୍ରୀୟା ପାତ୍ର ଓ କେଜିବିଭିର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଅତିଥି ଓ ଚାତ୍ରୀଛାତ୍ର ପିସ୍ତାବାଦାମ୍, କଦମ୍ବ, ଲିମ୍ବ, ଓଉ ଆଦି ଚାରା ରୋପଣ କରିଥିଲେ। ଚାରାରୋପଣ ତଥା ପରିବେଶକୁ ନେଇ ବିଦ୍ୟାଳୟ ପରିସରରେ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଉତ୍ସାହର ସହିତ ଯୋଗଦେଇ ଚାରାରୋପଣରେ ସହଯୋଗ କରିଥଲେ। ୱାର୍ଡେନ୍ ମାନସୀ ମିଶ୍ର ଓ ପ୍ରଧାନ ଶିକ୍ଷୟିତ୍ରୀ ବିପୁଳା ପାତ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।





■ ସିବିଏସ୍ଇ ବର୍ଦ୍ଧିତ ପରୀକ୍ଷା ଦେୟ ନେଇ ପ୍ରତିକ୍ରିୟା ରଖିଲେ ଅଭିଭାବକ

# ଆର୍ଥିକ ଅସ୍ୱଚ୍ଛଳ ବର୍ଗ ପାଇଁ ବୋଝ

ରାୟଗଡ଼ା ଅଫିସ,୧୪।୮

ରାୟଗଡ଼ାରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ଥିବାରୁ ଏଠାରେ ଅଧିକାଂଶ ପିଲା ଅଧାରୁ ପାଠ ଛାଡୁଛନ୍ତି। ଆର୍ଥିକସ୍ଥିତି ସୁଦୃଢ ନ ଥିବାରୁ ଅଭିଭାବକ ନିଜ ପିଲାଙ୍କୁ ସରକାରୀ ସ୍କୁଲରେ ପାଠ ପଢାଉଛନ୍ତି। କେତେଜଣ ଅଭିଭାବକ ପିଲାଙ୍କୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପଢାଇ ଉଚ୍ଚଶିକ୍ଷିତ କରିବା ଲକ୍ଷ୍ୟ ରଖି ନିଜର ଆବଶ୍ୟକତାକୁ ପଛରେ ପକାଇ ସେମାନଙ୍କୁ ଇଂରାଜୀ ମାଧ୍ୟମ ସ୍କୁଲରେ ଭର୍ତ୍ତି କରୁଛନ୍ତି। କିନ୍ତୁ ସିବିଏସ୍ଇ ପାଇଁ ଏବେ ପରୀକ୍ଷା ଦେୟ ବୃଦ୍ଧି ହୋଇଛି। ସିବିଏସ୍ଇ ବିଜ୍ଞପ୍ତି ଅନୁଯାୟୀ, ଅନୁସୂଚିତ ଜାତି ଓ ଜନଜାତି ପିଲାଙ୍କ ପରୀକ୍ଷା ଫି' ୨୪ ଗୁଣ ବୃଦ୍ଧି ପାଇଛି। ପୂର୍ବରୁ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ରମାନେ ୧୦ମ ଶ୍ରେଣୀ ପରୀକ୍ଷା ଦେୟ ବାବଦରେ ୫୦ ଟଙ୍କା ଦେଉଥିଲେ। କିନ୍ତୁ ଏବେ ସେମାନଙ୍କୁ ୧୨୦୦ ଟଙ୍କା ଦେବାକୁ ପଡ଼ିବ । ସେହିଭଳି ସାଧାରଣ ବର୍ଗର ଛାତ୍ରମାନେ ପୂର୍ବରୁ ୭୫୦ ଟଙ୍କା ଦେଉଥିବାବେଳେ ବର୍ତ୍ତମାନ ୧୫୦୦ ଟଙ୍କା ଦେବେ ବୋଲି ସିବିଏସ୍ଇ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ସେହିପରି +୨ ରେ ମଧ ପରୀକ୍ଷା ଦେୟ ବୃଦ୍ଧି କରାଯାଇଛି। ଜିଲାର ମୋଟ ଜନସଂଖ୍ୟା ମଧ୍ୟରୁ ୧୪ ପ୍ରତିଶତ ଅନୁସୂଚିତ ଜାତି ଶ୍ରେଣୀର ଓ ୪୮ ପ୍ରତିଶତ ଅନୁସୂଚିତ ଜନଜାତି ଶ୍ରେଣୀର। ସିବିଏସ୍ଇର ଏହି ପରୀକ୍ଷା ଦେୟ ବୃଦ୍ଧି ନିଷ୍ପତ୍ତି ଠିକ୍ ନୁହେଁ ବୋଲି ଅଭିଭାବକ ରାମେଶ୍ୱର ମେଲେକା କହିଛନ୍ତି। ପରୀକ୍ଷା ଦେୟ ଏକାଥରକେ ୨୪ ଗୁଣ ବୃଦ୍ଧି ଏକ ଅନ୍ୟାୟ ବୋଲି ଅଭିଭାବକ ଶମ୍ଭୁରୁ ତାଡ଼ିଙ୍ଗି କହିଛନ୍ତି। ଏହାଦ୍ୱାରା ସମାଜରେ ଏକ ନକାରାତ୍ମକ ପ୍ରଭାବ ପଡିବ ବୋଲି ଅଭିଭାବକ ମୂଳା ଦାସ କହିଛନ୍ତି। ସିବିଏସ୍ଇର ଏହି ନିଷ୍ପତ୍ତି ବୋଝ ଉପରେ ନଳିତା ବିଡା ଭଳି। ଏହି ପଦକ୍ଷେପ ଆର୍ଥିକ କ୍ଷେତ୍ରରେ ଅସ୍ୱଚ୍ଛଳ ଶ୍ରେଣୀର ପିଲାଙ୍କୁ ଶିକ୍ଷା କ୍ଷେତ୍ରରେ ମଧ ଦୁର୍ବଳ କରିବାର ଏକ ଷଡଯନ୍ତ୍ର ବୋଲି ଅନ୍ୟ ଅଭିଭାବକମାନେ କହିଛନ୍ତି। ସିବିଏସ୍ଇର ଏଭଳି ନିଷ୍ପତ୍ତି ଅଭିଭାବକ ଓ ଛାତ୍ରୀଛାତ୍ରଙ୍କୁ ହତୋତ୍ସାହିତ କରୁଛି ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ଏ ନେଇ ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ, ସଂଖ୍ୟାଲଘୁ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କୁ ପଚାରିବାରୁ ସିବିଏସ୍ଇର ଏହି ନିଷ୍ପତ୍ତି ଏକ ମସ୍ତବଡ଼ ଭୁଲ୍। ଏଥିଯୋଗୁ ସାଧାରଣ ଲୋକେ ପ୍ରଭାବିତ ହେବେ ବୋଲି ସେ କହିଛନ୍ତି।

ଧରିତ୍ରୀ
DHARITRI
ରାୟଗଡ଼ା, ଗୁରୁବାର, ୧୫ ଅଗଷ୍ଟ , ୨୦୧୯



# କଅଁଳ ବୟସରେ ଦାଉ ସାଧୁଛି ଭାଗ୍ୟ

## ସଂକ୍ଷେପରେ



### ଥାନା ପରିସରରେ ଚାରାରୋପଣ

**ପାପଡାହାଣ୍ଡି,୧୪।୮(ଡି.ଏନ.ଏ.):** ନବରଙ୍ଗପୁର ଜିଲା ପାପଡାହାଣ୍ଡି ଥାନା ପରିସରରେ ବୁଧବାର ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏସଡିପିଓ ବି. କେ. ନାୟକ, ଥାନା ଅଧିକାରୀ ବିଲ୍ବ ମଙ୍ଗଲ ସେଠି, ପିଏଲଭି ସଭ୍ୟ ରାଜ କିଶୋର ରାଓ, ସଂଜୀବ ଅଗ୍ରୱାଲ ଓ କର୍ମଚାରୀ ମାନଙ୍କ ମିଳିତ ସହଯୋଗରେ ଏହି ବୃକ୍ଷ ରୋପଣ କରାଯିବା ସହ ଲୋକଙ୍କୁ ସଚେତନ କରାଯାଇଥିଲା। ଆମ୍ବ, ଲିମ୍ବ, ଅଁଳା,କୃଷ୍ଣ ଚୁଡା ଆଦି ୧୦୦ ରୁ ଉର୍ଦ୍ଧ ବୃକ୍ଷ ରୋପଣ କରାଯାଇଥିଲା। ପିଏଲଭି ସଭ୍ୟ, ଥାନା କର୍ମଚାରୀ ମାନେ ସହଯୋଗ କରିଥିଲେ।

### ପୁଣି ମାତିଲେ ସିନ୍ଧି ଚୋର ଜୁଏଲାରି ଦୋକାନରୁ ଲୁଟିଲେ ସୁନା ଅଲଙ୍କାର



**ଉମରକୋଟ, ୧୪।୮(ଡି.ଏନ.ଏ):** ଉମରକୋଟ ପୋଲିସକୁ ସିନ୍ଧି ଚୋର ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି। ଅଳ୍ପଦିନ ବ୍ୟବଧାନରେ ଗୋଟିଏ ଦୋକାନରୁ ଦୁଇ ଦୁଇଥର ସିନ୍ଧି ଚୋର ଦୋକାନରୁ ସୁନା ଅଳଙ୍କାର ଲୁଟିନେଇଛନ୍ତି । ବିଗତ ଥର ଚୋରି କରିଥିବା ଚୋର ପୋଲିସ ହାତରେ ଧରାପଡି ନଥିବାବେଳେ ଏଥର ମଧ ସମାନ ଢଙ୍ଗରେ କାନ୍ଥ ଖୋଲି ଚୋରି କରି ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି। ଉମରକୋଟ ମୁଖ୍ୟ ପନିପରିବା ବଜାର ଭିତରେ ପୂଜା ଜୁଏଲାରୀ ନାମକ ଏକ ସୁନା ଗହଣା ଦୋକାନ ଅଛି। ଗତବର୍ଷ ନଭେମ୍ବର ମାସରେ ଏହି ଦୋକାନ ପଛରୁ କାନ୍ଥ ଖୋଲି ଲକ୍ଷାଧିକ ଟଙ୍କାର ସୁନା ଗହଣା ଦୁର୍ବୃତ୍ତମାନେ ଚୋରି କରି ନେଇଥିଲେ। ଏହି ସମୟରେ ମଧ ଦୋକାନରେ ଲାଗିଥିବା ସିସିଟିଭିରେ ଚୋରଙ୍କ ସବୁ କାରାସାଦି କଏଦ ହୋଇଥିଲେ ମଧ ଚୋରକୁ ଧରିବାରେ ପୋଲିସ ସକ୍ଷମ ହୋଇ ହୋଇ ନଥିଲେ। ପୁଣି ୯ମାସ ପରେ ଠିକ୍ ସେହିପରି ମଙ୍ଗଳବାର ରାତିରେ ଦୋକାନ ପଛପଟୁ କାନ୍ଥ ଖୋଲି ପୂଜା ଜୁଏଲାରୀରୁ ସୁନା ଅଳଙ୍କାର ଲୁଟି ନେଇଛନ୍ତି। ତେବେ କେତେ ଟଙ୍କାର ସୁନାଗହଣା ଚୋରି ହୋଇଛି ତାହା ସ୍ପଷ୍ଟ ହୋଇନାହିଁ । ସିସିଟିଭି ମନିଟରକୁ ନେଇଯିବା ସହ ଚୋରି ସମୟରେ ଚୋରମାନେ ସିସିଟିଭିକୁ ବୁଲାଇ ଦେଇ ଚୋରି କରିଥିବା ଜଣାପଡିଛି। ଉମରକୋଟ ଥାନା ଅଧିକାରୀଙ୍କୁ ପଚାରିବାରୁ ତଦନ୍ତ ଚାଲିଛି ଖୁବଶୀଘ୍ର ଚୋରମାନଙ୍କୁ ଧରାଯିବ ବୋଲି କହିଛନ୍ତି।

### ପଲିଥିନ ଜବତ, ଜରିମାନା ଆଦାୟ

**ଉମରକୋଟ, ୧୪।୮(ଡି.ଏନ.ଏ):** ଉମରକୋଟ ସହରର କିଛି ଦୋକାନରେ ବୁଧବାର ପୌର ଏବଂ ପୋଲିସ ପ୍ରଶାସନ ପକ୍ଷରୁ ଚଢାଉ କରାଯାଇ ପଲିଥିନ ଜବତ କରାଯାଇଛି। ଏଥିସହ ଦୋକାନୀଙ୍କ ଠାରୁ ୧୦, ୨୦୦ ଟଙ୍କା ଜବତ କରାଯାଇଛି।ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଧର୍ମରାଜ ମାଝିଙ୍କ ସୂଚନା ଅନୁଯାୟୀ ପଲିଥିନ ବ୍ୟବହାର ନିବୃତ୍ତ ରହିବା ସକାଶେ ଡାକବାଜି ଯନ୍ତ୍ର ମାଧମରେ ସହରରେ ବାରମ୍ବାର ପ୍ରଚାର କରାଯାଇଥିଲା। କିନ୍ତୁ କିଛି ବ୍ୟବସାୟୀ ନିଷିଦ୍ଧ ପଲିଥିନକୁ ବ୍ୟବହାର କରୁଥିବା ସୂଚନା ମିଳିଥିଲା। ସହରର କିଛି ଦୋକାନ ଓ ପୁରୁଣା ପରିବାବଜାରରେ ଥିବା ଦୋକାନରେ ଚଢାଉ କରାଯାଇଥିଲା। ଚଢାଉ ସମୟରେ ପୌର ପରିଷଦର କର୍ମଚାରୀ ସହ ପୋଲିସ ପ୍ରଶାସନ ସାମିଲ ଥିଲେ ।

## ବଡ଼ ଭଉଣୀ ମୂଲ ଲାଗି ଭାଇ ଭଉଣୀଙ୍କ ମୁହଁରେ ଦେଉଛନ୍ତି ଆହାର

କଅଁଳ ବୟସରେ ଦାଉ ସାଧୁଛି ଭାଗ୍ୟ। ମା', ବାପା ଛାଡି ଆର ପାରିକି ଚାଲି ଯିବା ପରେ ଅସହାୟ ଅବସ୍ଥାରେ ରହୁଛନ୍ତି ପିଲାମାନେ। ମଉଳି ଯାଉଛି ସେମାନଙ୍କ ସମସ୍ତ ଆଶା, ଆଉ ସ୍ୱପ୍ନ। ଏଭଳି ସ୍ଥିତିରେ ବଡ ଭଉଣୀ ଉପରେ ପଡୁଛି ସାନ ଭାଇ ଭଉଣୀଙ୍କ ଦାୟିତ୍ୱ। ମୂଲ ଲାଗି ଦେଉଛନ୍ତି ସାନ ଭାଇ ଭଉଣୀଙ୍କ ମୁହଁରେ ଆହାର। ଆଉ କେଉଁଠି ପିଲାମାନେ ସମ୍ପର୍କୀୟଙ୍କ ଭରସାରେ ରହୁଛନ୍ତି । ଏଭଳି ପରିସ୍ଥିତିରେ ରହୁଥିଲେ ମଧ ସେମାନଙ୍କୁ ପ୍ରଶାସନ ପକ୍ଷରୁ କୌଣସି ସହାୟତା ମିଳୁ ନାହିଁ। ଏହିପରି ଘଟଣା ନବରଙ୍ଗପୁର ଜିଲାରେ ଦେଖିବାକୁ ମିଳିଛି ।



ଚାଳଛପର ଘର ପାଖରେ ଭାଇ ଡମ୍ବରୁ ଓ ଦ୍ରୌପଦୀ।

**ନବରଙ୍ଗପୁର,୧୪।୮(ବି.ପ୍ର.)**

କୁନି ବୟସରେ ମାଆ, ବାପା ଛାଡି ଚାଲିଗଲେ ଆରପାରିକି। ବାପା, ମାଆଛେଉଣ୍ଡ ପିଲାମାନେ ହୋଇଗଲେ ବେସାହାରା ମଉଳି ଗଲା ସେମାନଙ୍କ ସ୍ୱପ୍ନ। ଅସହାୟ ହୋଇ ପଡିଥିଲେ ଭାଇ, ଭଉଣୀ। ଶେଷରେ ୧୫ ବର୍ଷୀୟା ନାବାଳିକା ବଡ ଭଉଣୀର କଅଁଳ କାନ୍ଧ ଉପରେ ପଡିଥିଲା ଭାଇ, ଭଉଣୀଙ୍କ ଦାୟିତ୍ୱ । ନିଜର ସମସ୍ତ ସ୍ୱପ୍ନକୁ ଜଳାଞ୍ଜଳି ଦେଇ ମୂଲ ଲାଗି ବଡ ଭଉଣୀ ଯାହା ରୋଜଗାର କରି ଆଣୁଛି, ସେଥିରେ ଭାଇ ଭଉଣୀଙ୍କ ମୁହଁରେ ଆହାର ଟିକିଏ ଦେଉଛି। ସରକାରୀ ସୁବିଧା ଏହି ପରିବାରଙ୍କ ପାଇଁ ସାତ ସପନ ପାଲଟି ଯାଇଛି। ଏହିଭଳି ଏକ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲା ସଦର ବ୍ଲକ କର୍ଲିଆଗୁଡା ଗାଁରେ ।

ନବରଙ୍ଗପୁର ବ୍ଲକ ସିନ୍ଧିଗାଁ ପଞ୍ଚାୟତ ଅଧୀନ ସାଉନିଗୁଡା ଗାଁ ନିକଟ କର୍ଲିଆଗୁଡା ଗାଁର ମାଆ ଡମୁଣି ଭତରା ଓ ବାପା ପଦ୍ମନ ଭତରାଙ୍କ ତିନୋଟି ସନ୍ତାନ । ବଡ ଝିଅ ସମାରୀ ଭତରାଙ୍କର ବିଦ୍ୟାଳୟରେ ପାଦ ପଡି ନାହିଁ । ପୁଅ ଡମ୍ବରୁ ସିନ୍ଧିଗାଁ ପଞ୍ଚାୟତ ସଦର ମହକୁମା ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟରେ ୬ଷ୍ଠ ଶ୍ରେଣୀରେ ପାଠ ପଢୁଛି । ସାନଝିଅ ଦ୍ରୌପଦୀ ଭତରା ସାଉନିଗୁଡା ପ୍ରାଥମିକ ବିଦ୍ୟାଳୟରେ ଏବେ ୪ର୍ଥ ଶ୍ରେଣୀରେ ପଢୁଛି । ମାଆ ଡମୁଣି ରୋଗାକ୍ରାନ୍ତ ହୋଇ ୧୦ ବର୍ଷ ତଳେ ଓ ବାପା ପଦ୍ମନ ୩ ମାସ ତଳେ ଜ୍ୱରରେ ପଡି ଆରପାରିକୁ ଚାଲିଗଲେ। ନିଜର ବୋଲି ଆଉ କେହି ନ ଥିବାରୁ ପିଲାମାନେ ଅସହାୟ ଅବସ୍ଥାରେ ରହିଥିଲେ। ମାଆ ବାପାଙ୍କ ନାମରେ ଆଧାର କାର୍ଡ, ଭୋଟ ପରିଚୟ ପତ୍ର ଓ ରାଶନ କାର୍ଡ ଆଦି କିଛି ନଥିଲା । ଏଥିଯୋଗୁ ସେମାନେ ସରକାରୀ ସୁବିଧା ପାଇବାରୁ ବଞ୍ଚିତ ହୋଇଥିଲେ । ଏପରିକି ଦୁଇ ଝିଅ ଓ ପୁଅର ଆଧାର କାର୍ଡ ମଧ ନଥିଲା । ଘର ବୋଲି ଜେଜେବାପା କରିଥିବା ଚାଳ ଛପର ଝୁମ୍ପୁଡିଟିଏ , ଯେଉଁଥିରେ କବାଟ ନାହିଁ । ତାଟ ଦେଇ ରହୁଛନ୍ତି। ଏହାରି ଭିତରେ ବିତୁଛି ତିନି ଶିଶୁଙ୍କ ଜୀବନ । କେନ୍ଦ୍ର ଓ ରାଜ୍ୟ ସରକାର ପ୍ରତି ଘରକୁ ବିଦ୍ୟୁତୀକରଣ ଯୋଜନା କରିଛନ୍ତି । ତେବେ ଏହି ପରିବାର ସେଥିରୁ ମଧ ବଞ୍ଚିତ । ପଦ୍ମନଙ୍କ ବିୟୋଗ ପରେ ଡମ୍ବରୁ ଓ ଦ୍ରୌପଦୀ ବିଦ୍ୟାଳୟକୁ କାହିଁକି ନିୟମିତ ଆସୁନାହାନ୍ତି ବୋଲି ସିନ୍ଧିଗାଁ ହାଇସ୍କୁଲର ଶିକ୍ଷକ ବସନ୍ତ ବେନିଆ ଓ ସାଉନିଗୁଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ନନ୍ଦ କର୍ଲିଆଗୁଡା ଗାଁକୁ ଯାଇଥିଲେ। ଛାତ୍ରୀଛାତ୍ରଙ୍କୁ ଭେଟିବା ସହ ଗାଁ ଲୋକଙ୍କ ସହ ଆଲୋଚନା କରିଥିଲେ । ଡମ୍ବରୁ ଓ ଦ୍ରୌପଦୀଙ୍କ ଆଧାର କାର୍ଡ ନଥିବାରୁ ଶିକ୍ଷକ ବସନ୍ତ ଓ ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ସେମାନଙ୍କ ଆଧାର କାର୍ଡ କରାଇଥିଲେ । ପରେ ଜାଣିବାକୁ ପାଇଥିଲେ ଯେ, ମାଆ ଓ ବାପାଙ୍କ ବିୟୋଗ ପରେ ବଡ ଭଉଣୀ ସମାରୀଙ୍କ ସାହାରାରେ ଭଉଣୀ ଓ ଭାଇ ରହିଛନ୍ତି। ବଡ ଭଉଣୀ ଦିନ ମଜୁରି କରି ଯାହା ରୋଜଗାର କରି ଆଣୁଛି, ସେଥିରେ ତିନି ଜଣଙ୍କ ଗୁଜୁରାଣ ମେଣ୍ଟୁଛି । ଭଲ ପୋଷାକଟିଏ ମଧ ପିନ୍ଧିବା ପାଇଁ ସେମାନଙ୍କର ନାହିଁ। ବିଦ୍ୟାଳୟରେ ଡମ୍ବରୁ ଓ ଦ୍ରୌପଦୀଙ୍କୁ ମଧ୍ୟାହ୍ନ ଭୋଜନ ମିଳୁଛି । ଅନ୍ୟ ଓଳି ଭଉଣୀର ରୋଜଗାର ଉପରେ ଭରସା ବାନ୍ଧି ରହୁଛନ୍ତି । ବିଦ୍ୟାଳୟରୁ ଫେରିବା ପରେ ବଡ ଭଉଣୀର ଫେରିବା ବାଟକୁ ଦୁଇ ଭଉଣୀ ଭାଇ ଚାହିଁ ରହୁଛନ୍ତି । ମୁଠାଏ ଭଲ ଖାଇବାକୁ ନପାଇ ତିନି ଜଣ ମାଆ ବାପାଙ୍କୁ ମନେ ପକାଇ ରହୁଛନ୍ତି । ସାହି ପଡୋଶୀଙ୍କ ଭରସାରେ ରହିଛନ୍ତି। ଅନ୍ୟପକ୍ଷରେ ଶିକ୍ଷକ ବସନ୍ତ ଓ ପ୍ରଧାନ ଶିକ୍ଷୟିତ୍ରୀ କିଛି ଆର୍ଥିକ ସହାୟତା କରୁଛନ୍ତି। ଯାହାକି ସେମାନଙ୍କ ଆବଶ୍ୟକତାକୁ ସବୁ ଦିନ ମେଣ୍ଟାଇ ପାରୁ ନାହିଁ । ପାଠ ପଢୁଥିବା ପିଲାମାନଙ୍କୁ ସରକାରଙ୍କ ପକ୍ଷରୁ ଯଦି କୌଣସି ହଷ୍ଟେଲରେ ରଖାଯିବା ସୁବିଧା କରାଯାଆନ୍ତା ତେବେ ସେମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହୋଇ ପାରନ୍ତା । ସେହିପରି ରାଶନକାର୍ଡ ଓ ଘର ଖଣ୍ଡେ ସରକାରଙ୍କ ପକ୍ଷରୁ ଯଦି ମିଳନ୍ତା ତେବେ ଏହି ପରିବାରର ଦୁଃଖ ଲାଘବ ହୋଇ ପାରନ୍ତା ବୋଲି ଗାଁର ମତି ଭତରା, ଚନ୍ଦ୍ରାଭତରା ଓ କୁମାରୀ ଭତରା କହିଛନ୍ତି।



ମାଇଁ ଶୁକଦେଇ ନିକଟରେ ସଂଜିତା, ଲକ୍ଷ୍ମୀକାନ୍ତ, ସୁଷମା

## ସମ୍ପର୍କୀୟଙ୍କ ଭରସାରେ ଅସହାୟ ପିଲାମାନେ

**ନବରଙ୍ଗପୁର,୧୪।୮(ବି.ପ୍ର)**

ବର୍ଷକ ଭିତରେ ମା', ବାପାଙ୍କ ମୃତ୍ୟୁ ଘଟିଲା । ଅସହାୟ କୁନି କୁନି ପିଲାମାନେ ସମ୍ପର୍କୀୟଙ୍କ ଭରସାରେ ରହିଛନ୍ତି। କଳାମାଝୀଗୁଡା ଗାଁରେ ଏଭଳି ଏକ ଘଟଣା ଦେଖିବାକୁ ମିଳିଛି।କଳାମାଝୀଗୁଡା ଗାଁଟି ସାଉନିଗୁଡା ବିଦ୍ୟାଳୟ ପଛ ପଟେ ରହିଛି । ଉକ୍ତ ଗାଁର ଡମ୍ବରୁ ଭତରା ଓ ପୂର୍ଣ୍ଣୀ ଭତରାଙ୍କ ଦୁଇ ଝିଅ ଓ ଗୋଟିଏ ପୁଅ । ମାଆ ପୂର୍ଣ୍ଣୀ ୨୦୧୭ରେ ଓ ବାପା ଡମ୍ବରୁ ୨୦୧୮ରେ ରୋଗରେ ପଡି ମୃତ୍ୟୁବରଣ କରିଛନ୍ତି। ବଡ ଝିଅ ସଞ୍ଜିତା ଭତରା ୫ମ ଶ୍ରେଣୀ ଓ ପୁଅ ଲକ୍ଷ୍ମୀକାନ୍ତ ସାଉନିଗୁଡା ପ୍ରାଥମିକ ବିଦ୍ୟାଳୟରେ ପାଠ ପଢୁଛନ୍ତି । ୩ ବର୍ଷର ସାନ ଝିଅ ସୁଷମା ଏବେ ଅଙ୍ଗନୱାଡି କେନ୍ଦ୍ରକୁ ଯାଉଛି । ମାଆ ବାପାଙ୍କ ବିୟୋଗ ପରେ ଏବେ ଏହି ତିନିସନ୍ତାନ ମାଇଁ ସୁକଦେଇ ଓ ମାମୁଁ ଇନ୍ଦ୍ର ମାଝୀଙ୍କ ଭରସାରେ ରହୁଛନ୍ତି । ଦିନ ମଜୁରିଆ ଏହି ପରିବାର । ଯାହା ରୋଜଗାର ହୁଏ, ସେତିକିରେ ମାଇଁ ଓ ମାମୁଁ ତାଙ୍କ ପିଲା ଛୁଆ ସମେତ ଏହି ବାପା ମାଆ ଛେଉଣ୍ଡ ୩ଶିଶୁଙ୍କ ଦାୟିତ୍ୱ ତୁଲାଉଛନ୍ତି । ଏନେଇ ମାଇଁ ସୁକଦେଇ କୁହନ୍ତି, ପିଲାମାନଙ୍କୁ ସରକାର ତଥା ପ୍ରଶାସନ ପକ୍ଷରୁ ହଷ୍ଟେଲରେ ରଖାଇ ପାଠ ପଢା ବ୍ୟବସ୍ଥା କରାଯାଆନ୍ତା ତେବେ ପିଲାମାନେ ପାଠ ପଢି ମଣିଷ ହୋଇ ପାରନ୍ତେ। ସେହିଭଳି ଅନ୍ୟ ଏକ ପରିବାର କଥା । ସାଉନିଗୁଡା ଗାଁର ଚନ୍ଦ୍ରା ଭତରାଙ୍କ ଝିଅ ବିମଳା ଡୁମରିମୁଡା ଗାଁର ଡୁମର ଭତରାଙ୍କୁ ବିବାହ କରିଥିଲେ । ବିମଳା ଝିଅ ଜନ୍ମ କରିବା ପରେ ପକ୍ଷାଘାତ ରୋଗରେ ପଡି ମୃତ୍ୟୁବରଣ କଲେ । ଝିଅ ଅମେଶ୍ୱରୀ ମାଆର ସ୍ନେହ ଆଉ ପାଇ ପାରିଲେ ନାହିଁ। ଏନେଇ ଆଈ ଚନ୍ଦ୍ରା ଭତରା ନାତୁଣୀଙ୍କୁ ପାଖରେ ଆଣି ରଖିଛନ୍ତି । ଏନେ ନାତୁଣୀ ଅଙ୍ଗନୱାଡି କେନ୍ଦ୍ରକୁ ଯାଉଛି । ତେବେ ଏହି ଶିଶୁ କନ୍ୟାର ପାଠ ପଢା ପାଇଁ ପ୍ରଶାସନ ସହାୟତା କଲେ ଉପକୃତ ହୁଅନ୍ତୁ ବୋଲି ଆଈ ଚନ୍ଦ୍ରା କହିଛନ୍ତି।



ଆଈ କୋଳରେ ନାତୁଣୀ ଅମେଶ୍ୱରୀ।



କୋର୍ଟ ପରିସରରେ ଚାରାରୋପଣ କରାଯାଉଛି।

## କୋର୍ଟ, ସ୍କୁଲ ପରିସରରେ ଚାରାରୋପଣ

**ଚନ୍ଦାହାଣ୍ଡି,୧୪।୮ (ଡି.ଏନ.ଏ)**

ଚନ୍ଦାହାଣ୍ଡି ବ୍ଲକ ସଦର ମହକୁମାସ୍ଥିତ ପ୍ରଥମ ଶ୍ରେଣୀ ବିଚାରପତିଙ୍କ କୋର୍ଟ ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଚନ୍ଦାହାଣ୍ଡି ପ୍ରଥମ ଶ୍ରେଣୀ ବିଚାରପତି ସୌଭାଗ୍ୟ ରଞ୍ଜନ ପ୍ରଧାନ ଯୋଗ ଦେଇ ଚାରାରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଚନ୍ଦାହାଣ୍ଡି ବନ ବିଭାଗ ତରଫରୁ ଅଁଳା, ଶାଗୁଆନ, ଆମ୍ବ, ନିମ୍ବ ସମେତ ବିଭିନ୍ନ ପ୍ରକାର ୧୦୦ଟି ଚାରାରୋପଣ କରାଯାଇଥିଲା । ଅନ୍ୟମାନଙ୍କ ମଧରେ ଆଇନଜୀବୀ ମହମ୍ମଦ ହୁସେନ, ମନୋଜ ବାରିକ, ଜୟଦେବ ଖମାରୀ, ହୁମେଶ୍ୱର ହଂସ, ମୁଖ୍ୟ କିରାଣୀ ରମେଶ ଚନ୍ଦ୍ର ଖୁଣ୍ଟିଆ, କେଦାର ପାଣ୍ଡିଆ, କେଶରୀ ମନହିରା, ଶଙ୍କର ବାପି ମୁର୍ମୁ, ଶାଇବେରୀ ଏକ୍କା, ସର୍ବେଶ୍ୱର ପୁଜାରୀ, ସରୋଜ ପତି, ହରିହର ପଣ୍ଡା, ଝରିଗାଁ ରେଞ୍ଜର ମୁକୁନ୍ଦ ଦିଶାରୀ, ଚନ୍ଦାହାଣ୍ଡି ଫରେଷ୍ଟର ଗୁପ୍ତେଶ୍ୱର ପଟ୍ଟନାୟକ, ମାଲଗାଁ ଫରେଷ୍ଟର ବିପିନ ହରିଜନ ,କମଳାକାନ୍ତ ହରିଜନ, ବଂଶୀଧର ନାୟକ , ସୀମାଞ୍ଚଳ ଗଣ୍ଡା, ରାମେଶ୍ୱର ଗୌଡ ପ୍ରମୁଖ ଉପସ୍ଥିତ ରହି ଚାରାରୋପଣ କରିଥିଲେ ।

ସେହିପରି ଚନ୍ଦାହାଣ୍ଡି ବ୍ଲକ ଦଳବେଡା ପଞ୍ଚାୟତ ଅନ୍ତର୍ଗତ କାଶିପାଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ପ୍ରଧାନଶିକ୍ଷକ ସନ୍ତୋଷ କୁମାର ଖମାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭଜନଲାଲ ମାଝି, ବନପାଳ ବିପିନ ବିହାରୀ ହରିଜନ, ସିଆରସିସି ସୁବାସ ଚନ୍ଦ୍ର ସାହୁ, ସହକାରୀ ଶିକ୍ଷକ ଦ୍ରୋଣ ଗଣ୍ଡ, ଭୋଳାଶଙ୍କର ସୁନା, ରବିନ୍ଦ୍ର ନାୟକ, କାନ୍ତ ହରିଜନ, ବିଦ୍ୟାଳୟ ପରିଚାଳନା ସଭାପତି କୈବଲ୍ୟ ପୂଜାରୀ, ଅନିଲ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟ ପରିସରରେ ଶତାଧିକ ଅଁଳା, କାଜୁ, ଅମୃତଭଣ୍ଡା, ସଜନାଛୁଇଁ, ଶାଗୁଆନ, ଶିଶୁ, କାଞ୍ଚନ, କୃଷ୍ଣଚୁଡା, ଚାରା ରୋପଣ କରିଥିଲେ ।



ଉମରକୋଟ ସହରର ଏକ ଦୋକାନରୁ ପଲିଥିନ୍ ଜବତ କରାଯାଉଛି।

## ବିଧାୟକଙ୍କୁ ରାସ୍ତା ସମସ୍ୟା ଜଣାଇଲେ ସାହି ବାସିନ୍ଦା

**ପାପଡାହାଣ୍ଡି,୧୪।୮(ଡି.ଏନ.ଏ)**

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଗସ୍ତରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ମଙ୍ଗଳବାର ଆସି ସ୍ଥାନୀୟ ସଦର ମହକୁମା ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ ରାସ୍ତା ଅବସ୍ଥା ଦେଖିଥିଲେ । ରାସ୍ତାରୁ କଂକ୍ରିଟ ଉଠି ଯାଇଥିବା ବେଳେ ବହୁ ସ୍ଥାନରେ ଖାଲ ଖମା ହୋଇ ପାଣି ଜମି ରହୁଛି। ଏହି ରାସ୍ତା ଦେଇ ସରସ୍ୱତୀ ଶିଶୁ ମନ୍ଦିର, ଅରବିନ୍ଦ ସ୍କୁଲ, ଆଦର୍ଶ ବିଦ୍ୟାଳୟ, ତହସିଲ କାର୍ଯ୍ୟାଳୟ, ରାଜସ୍ୱ କାର୍ଯ୍ୟାଳୟ, ମନ୍ଦିର ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସମସ୍ତେ ଦୈନିକ ଯିବା ଆସିବା କରିଥାନ୍ତି । ରୋଗୀଙ୍କୁ ଆମ୍ବୁଲାନ୍ସରେ ନେଲା ବେଳେ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା। କିଛି ବର୍ଷ ତଳେ ରାସ୍ତା ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଥିଲା । କିନ୍ତୁ ରାସ୍ତା କାମ କିଛି କରାଯାଇନାହିଁ । ପଞ୍ଚାୟତ ତରଫରୁ ଯେଉଁ କଂକ୍ରିଟ ରାସ୍ତା ହୋଇଥିଲା ତାହା ବହୁ ବର୍ଷ ବିତି ଗଲାଣି । ସାହି ବାସିନ୍ଦା ଏ ନେଇ ବିଧାୟକଙ୍କୁ ଅବଗତ କଲା ପରେ ବିଧାୟକ ରାସ୍ତାର ଉନ୍ନତୀକରଣ ଲାଗି ପ୍ରତିଶ୍ରୁତି ଦେଇଥିଲେ ।

## ଛନକାରେ ଅଯୋଗ୍ୟ ହିତାଧିକାରୀ

**କାଳିଆ ଯୋଜନା**

**ଚନ୍ଦାହାଣ୍ଡି,୧୪।୮(ଡି.ଏନ.ଏ.)**

ରାଜ୍ୟ ସରକାର ଚାଷୀଙ୍କ ପାଇଁ କାଳିଆ ଯୋଜନା ଘୋଷଣା କରିଥିଲେ। ଏହା ୨୦୧୯ ମସିହା ଜାନୁୟାରୀ ମାସରୁ ଆରମ୍ଭ ହୋଇ କୃଷକଙ୍କ ଜମାଖାତାରେ ୫ଟି କିସ୍ତିରେ ୨୫ହଜାର ଟଙ୍କା ଦିଆଯିବ ବୋଲି କୁହାଯାଇଥିଲା । ନିର୍ବାଚନ ଆଗରୁ କିଛି କୃଷକଙ୍କ ଜମାଖାତାକୁ ପାଞ୍ଚ ହଜାର ଟଙ୍କା ମଧ ପଠାଯାଇଥିଲା । ନିର୍ବାଚନରେ ସରକାର ଗଢିଲା ପରେ ପ୍ରଥମ ଦିନରେ ଦୁଇ କିସ୍ତି କାଳିଆ ଟଙ୍କା ପଠାଯିବ ବୋଲି ଘୋଷଣା କରିଥିଲେ। ନିର୍ବାଚନ ସରି ତିନିମାସ ବିତିଯାଇଥିଲେ ମଧ କାଳିଆ ଟଙ୍କା ଚାଷୀଙ୍କ ଜମାଖାତାରେ ପହଞ୍ଚିପାରି ନାହିଁ । ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକର ୧୪ଟି ପଞ୍ଚାୟତର ମୋଟ ୧୭୦୦୦ ଚାଷୀଙ୍କ ମଧରୁ ୧୩୦୫୦ ଚାଷୀଙ୍କୁ କାଳିଆ ଟଙ୍କା ପ୍ରଦାନ କରାଯାଇଥିବା କୃଷି ବିଭାଗ କାର୍ଯ୍ୟାଳୟରୁ ଜଣାପଡିଛି। ସେଥିରେ ଭୂମିହୀନ ୧୩୫୭ ଏବଂ କ୍ଷୁଦ୍ର ଓ ନାମମାତ୍ର ଚାଷୀ ୧୧୬୯୩ ଜଣ ରହିଛନ୍ତି। ତେବେ ବର୍ତ୍ତମାନ ରାଜ୍ୟସରକାର କାଳିଆ ଯୋଜନାରେ ଅର୍ଥ ପାଇଥିବା ଅଯୋଗ୍ୟ ହିତାଧିକାରୀଙ୍କଠାରୁ ଟଙ୍କା ଫେରସ୍ତ ନେଇ ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରିଥିବା ଜଣାପଡିଛି । କାଳିଆ ଟଙ୍କା ପାଇଥିବା ହିତାଧିକାରୀଙ୍କ ତାଲିକା ପଞ୍ଚାୟତ କାର୍ଯ୍ୟାଳୟ ବାହାରେ ଟଙ୍ଗାଯାଇଛି। ଅଯୋଗ୍ୟ ହିତାଧିକାରୀଙ୍କୁ ତୁରନ୍ତ ଟଙ୍କା ଫେରାଇବା ପାଇଁ କୁହାଯାଇଛି। ଏହି ଖବର ପ୍ରକାଶ ପରେ ଏବେ ଅଯୋଗ୍ୟ କାଳିଆ ହିତାଧିକାରୀଙ୍କ ମଧରେ ଛନକା ପଶିଛି। ତେବେ ଏଠାରେ ପ୍ରଶ୍ନ ଉଠୁଛି ଯେ ଯେଉଁ ସମୟରେ କୃଷି ବିଭାଗ ଓ ପଞ୍ଚାୟତ କର୍ମଚାରୀମାନେ ବ୍ଲକସ୍ତରରେ ହିତାଧିକାରୀ ଚୟନ କଲେ ସେହି ସମୟରେ କିଏ ଯୋଗ୍ୟ କିଏ ଅଯୋଗ୍ୟ ତାହା ନିର୍ଣ୍ଣୟ କରିପାରି ନଥିଲେ । ଏବେ ହିତାଧିକାରୀମାନେ କାଳିଆ ଟଙ୍କା ଖର୍ଚ୍ଚ କରିସାରିଥିବା ଏବଂ ଚାଷୀଙ୍କ ଖରିଫ ଚାଷ ଲାଗି ପୁଣି ଟଙ୍କା ଦରକାର ପଡୁଥିବାବେଳେ ସେମାନଙ୍କଠାରୁ ଟଙ୍କା ଆଦାୟ କରିବା କେତେଦୂର ଯୁକ୍ତିଯୁକ୍ତ ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି । ଏ ନେଇ ଚନ୍ଦାହାଣ୍ଡି ସହକାରୀ କୃଷି ଅଧିକାରୀ ପ୍ରଶାନ୍ତ କୁମାର ବାଘଙ୍କୁ ପଚାରିବାରୁ ସରକାରଙ୍କ ନିର୍ଦ୍ଦେଶ ମୁତାବକ ଯୋଗ୍ୟ ଓ ଅଯୋଗ୍ୟ ତାଲିକା ତଦାରଖ କରାଯିବ। ଅଯୋଗ୍ୟ ଟଙ୍କା ଫେରାଇବା ସହ ଯୋଗ୍ୟ ହିତାଧିକାରୀଙ୍କୁ ପୁଣି ଥରେ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ ବୋଲି କହିଛନ୍ତି ।

## ଅସହାୟ ଯୁବକଙ୍କ ସତ୍କାର କଲେ ସ୍ଥାନୀୟ ଲୋକେ

**ନବରଙ୍ଗପୁର,୧୪।୮(ବି.ପ୍ର.)**

ନବରଙ୍ଗପୁର ସହରର ମହିମା କଲୋନୀ(ଧୋବାବନ୍ଧ ସାହି)ର କାଳିଆ ଜାନୀ ନାମକ ଜଣେ ଅସହାୟ ଯୁବକଙ୍କ ମୃତ୍ୟୁ ଘଟିଛି। ଦୁଇ ଦିନ ହେବ ସେ ବର୍ଷାରେ ଭିଜି ବାର ଦୁଆର ବୁଲୁଥିଲେ। ରାତିରେ ନୂଆବନ୍ଧ ସାହି ହନୁମାନ ମୂର୍ତ୍ତି ନିକଟରେ ଶୋଇ ଥିଲେ । ସକାଳୁ ଲୋକମାନେ ଦେଖିବା ବେଳକୁ କାଳିଆଙ୍କ ପ୍ରାଣବାୟୁ ଉଡି ଯାଇଛି। ଏନେଇ ପୋଲିସକୁ ସ୍ଥାନୀୟ ଲୋକ ଖବର ଦେଇଥିଲେ । ସ୍ଥାନୀୟ ଲୋକେ ମହାପ୍ରୟାଣ ଗାଡି ପାଇଁ ପ୍ରୟାସ କରିଥିଲେ ମଧ ପାଇ ନଥିଲେ । ଏନେଇ ଆୟାସ୍ୱା ସେବା ସଙ୍ଗଠନର ମହାପ୍ରାୟାଣ ଗାଡି ପାଇଁ କହିଥିଲେ । ତେବେ ପୋଲିସର ଅନୁମତି ଓ ମୃତଦେହ ବ୍ୟବଚ୍ଛେଦ କରାଗଲେ ଯୋଗାଇ ଦିଆଯିବ ବୋଲି କହିଥିଲେ । ଅସହାୟ ଯୁବକ ମୃତଦେହକୁ ସ୍ଥାନୀୟ ଲୋକ ସହାୟତାରେ ସତ୍କାର କରାଯାଇଥିଲା । କାଳିଆଙ୍କ ସତ୍କାର ପାଇଁ ଏସଆଇ ଦେବଦତ୍ତ ମଲିକ ୫୦୦ ଟଙ୍କା ସହାୟତା ଦେଇଥିଲେ। ସ୍ଥାନୀୟ ଲୋକ ମଧ ଏଥିପାଇଁ ସହାୟତା କରିଥିଲେ।

## 'ମୃଗ ବିହାରକୁ ଇକୋ ଟୁରିଜିମ ମାନ୍ୟତା ଦିଆଯିବ'

**ନବରଙ୍ଗପୁର,୧୪।୮ (ବି.ପ୍ର.)**

୭୩ ତମ ସ୍ୱାଧୀନତା ଦିବସ ପାଇଁ ମୁଖ୍ୟ ଅତିଥି ଭାବେ ରାଜ୍ୟ ପର୍ଯ୍ୟଟନ, ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ବୁଧବାର ନବରଙ୍ଗପୁରରେ ପହଞ୍ଚିଛନ୍ତି। ହେଲିକପ୍ଟର ଯୋଗେ ସର୍କିଟହାଉସ ପଡିଆରେ ପହଞ୍ଚିବା ପରେ ଜିଲାପାଳ ଅଜିତ କୁମାର ମିଶ୍ର, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଅତିରିକ୍ତ ଜିଲାପାଳ ନିମାଇଁ ଚରଣ ସୁତାର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଳ, ଜିଲା ପର୍ଯ୍ୟଟନ ଅଧିକାରୀ ଟଲିନା ପ୍ରଧାନ, ଜିଲା ବିଜେଡି ସଭାପତି ପ୍ରହ୍ଲାଦ ତ୍ରିପାଠୀ, ଯୋଗେନ୍ଦ୍ର ସ୍ୱାଇଁ, ଡିଏଫଓ ରଞ୍ଜିତ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ସ୍ୱାଗତ ଜଣାଇଥିଲେ । ମନ୍ତ୍ରୀ ପାପଡାହାଣ୍ଡିକୁ ଯାଇ ଶହୀଦ ସ୍ମୃତିସ୍ତମ୍ଭରେ ମାଲ୍ୟାର୍ପଣ କରି ନୀଳକଣ୍ଠେଶ୍ୱର ଶିବ ମନ୍ଦିରକୁ ଯାଇ ଦର୍ଶନ କରିଥିଲେ । ପରେ ମୃଗବିହାରକୁ ଯାଇ ପରିଦର୍ଶନ କରି ସର୍କିଟ ହାଉସକୁ ଫେରିଥିଲେ । ପାପଡାହାଣ୍ଡି ମୃଗ ବିହାର ପରିଦର୍ଶନ ପରେ ମନ୍ତ୍ରୀ ପାଣିଗ୍ରାହୀ କହିଥିଲେ ଯେ, ଏହାକୁ ଇକୋ ଟୁରିଜିମର ମାନ୍ୟତା ଦିଆଯିବ । ଏନେଇ ଜିଲାପାଳ ଓ ଡିଏଫଓଙ୍କ ସହ ଆଲୋଚନା କରାଯିବ । ପର୍ଯ୍ୟଟକଙ୍କୁ ଆକୃଷ୍ଟ କରାଯିବାକୁ ଆହୁରି ଅନେକ କିଛି ବ୍ୟବସ୍ଥା କରାଯିବ । ପର୍ଯ୍ୟଟକ କିଭଳି ରାତ୍ରୀ ଯାପନ କରି ପାରିବେ ଓ ଅଧିକରୁ ଅଧିକ ପର୍ଯ୍ୟଟକ ଆସିବେ ସେଥିପ୍ରତି ଦୃଷ୍ଟି ଦିଆଯିବ ବୋଲି କହିଛନ୍ତି।



ମନ୍ତ୍ରୀ ଓ ଜିଲାପାଳ ମୃଗ ବିହାର ପରିଦର୍ଶନ କରୁଛନ୍ତି।

## ସଂକ୍ଷେପରେ

### ପୁଣି ଜଣେ ଡେଙ୍ଗୁରୋଗୀ ଚିହ୍ନଟ

କୋରାପୁଟ,୧୪।୮(ସ୍ୱ.ପ୍ର.): କୋରାପୁଟ ମେଡିକାଲ କଲେଜରେ ବୁଧବାର ପୁଣି ଜଣେ ଡେଙ୍ଗୁରୋଗୀ ଚିହ୍ନଟ ହୋଇଥିବା ଜଣାପଡ଼ିଛି। ଜୟପୁର ବ୍ଲକର ଭାଜିଗୁଡ଼ା ଗ୍ରାମର ପ୍ରେମା ହରିଜନ ନାମକ ଜଣେ ମହିଳାଙ୍କୁ ବହୁତ ଦିନ ହେଲା ଜ୍ୱର ଲାଗିରହିଥିଲା। ଡେଙ୍ଗୁ ସନ୍ଦେହରେ ତାଙ୍କୁ ବୁଧବାର କୋରାପୁଟ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ରକ୍ତ ପରୀକ୍ଷା ପରେ ଡେଙ୍ଗୁ ପଜିଟିଭି ଥିବା ଚିହ୍ନଟ ହୋଇଛି। ଉଲ୍ଲେଖଯୋଗ୍ୟ ପୂର୍ବରୁ କୋରାପୁଟ ମେଡିକାଲରେ ନବରଙ୍ଗପୁର ଜିଲାର ଉମରକୋଟ ଅଞ୍ଚଳରୁ ୫ ଜଣ ରୋଗୀ ଡେଙ୍ଗୁ ପଜିଟିଭ ଥିବା ଚିହ୍ନଟ ହୋଇଥିଲା। ସେହିପରି କିଛିଦିନ ତଳେ ବୈପାରୀଗୁଡ଼ା ଅଞ୍ଚଳର ଜଣେ ଛାତ୍ର ଡେଙ୍ଗୁ ଚିହ୍ନଟ ପରେ ତାଙ୍କର ମୃତ୍ୟୁ ହୋଇଥିଲା।

### ଚିତ୍ରାଙ୍କନ ପ୍ରତିଯୋଗିତା



ସୁନାବେଡ଼ା,୧୪।୮(ଡି.ଏନ୍.ଏ.): ସଞ୍ଜୀବନୀ ଶିକ୍ଷାନୁଷ୍ଠାନ ପକ୍ଷରୁ ସ୍ୱାଧୀନତା ଦିବସ ପାଳନ ପୂର୍ବରୁ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏହି ପ୍ରତିଯୋଗିତା ପାଇଁ ସର୍ବନିମ୍ନ ବୟସ ସୀମା ୧୩ ବର୍ଷ ରଖାଯାଇଥିଲା। ବହୁ କୁନି କଳାକାର ଏଥିରେ ସାମିଲ ହୋଇଥିଲେ। ସଞ୍ଜୀବନୀର ଅଧକ୍ଷ ସଞ୍ଜୀବ ମହାନ୍ତିଙ୍କ ସମେତ ଶିକ୍ଷକ ଏମ୍.ଜି. ରାଜୁ ଓ ତପନ ସିଂ, ସାମାଜିକ କର୍ମୀ ସୁଶାନ୍ତ ମଲ୍ଲିକ, ସୁନୀଲ ପ୍ରଧାନ, ବିଜୟ ବେହେରା, ବିକାଶ ମହାପାତ୍ର, ସନ୍ତୋଷ ଦାଶ, ରବି ମିଶ୍ର, ସୁଶାନ୍ତ ସିଂ, ପ୍ରଦୀପ ସାହୁ ପରିଚାଳନା କରିଥିଲେ। ବୁଧବାର ସ୍ୱାଧୀନତା ଦିବସରେ କୃତୀ ପ୍ରତିଯୋଗୀଙ୍କ ସହ ସାମାଜିକ କର୍ମୀ, ଶିକ୍ଷକଙ୍କୁ ସମ୍ମାନିତ କରାଯିବ।

### ଦେଓଘାଟି ବିଦ୍ୟାଳୟରେ ୟୁନିଫର୍ମ ବଣ୍ଟନ

କୋରାପୁଟ,୧୪।୮(ସ୍ୱ.ପ୍ର.): ବିଦ୍ୟାଳୟର ଶିକ୍ଷକ ଓ ବିଭିନ୍ନ ବ୍ୟକ୍ତିଙ୍କ ସହାୟତାରେ କୋରାପୁଟ ବ୍ଲକର ଦେଓଘାଟି ଜେଇଏଲ୍‌ସି ପ୍ରାଥମିକ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ରୀଙ୍କୁ ମଙ୍ଗଳବାର ୟୁନିଫର୍ମ ପ୍ରଦାନ କରାଯାଇଛି। ବିଦ୍ୟାଳୟଟି ସରକାରଙ୍କ ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ହୋଇଥିବାରୁ ଏଠାରେ ଅଧ୍ୟୟନରତ ତଫସିଲଭୁକ୍ତ ଜାତି, ଜନଜାତି ସଂଖ୍ୟାଲଘୁ ସଂପ୍ରଦାୟ ଓ ପଛୁଆ ବର୍ଗ ଛାତ୍ରୀଛାତ୍ରୀଙ୍କୁ ସରକାରଙ୍କ ତରଫରୁ ୟୁନିଫର୍ମ ଅନୁଦାନ ପ୍ରଦାନ କରାଯାଉ ନ ଥିବାରୁ ଏହି ପିଲାମାନେ ଅନ୍ୟ ପିଲାଙ୍କ ଭଳି ୟୁନିଫର୍ମ ପାଇବାରୁ ବଞ୍ଚିତ ହେଉଥିଲେ। ପ୍ରଧାନ ଶିକ୍ଷକ ପ୍ରଶାନ୍ତ ପାତ୍ରଙ୍କ ପ୍ରୟାସରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶୋଭା, ନାଲକୋ କର୍ମଚାରୀ ବି.ଏସ୍.କେ. ପାଲ, ଅବସରପ୍ରାପ୍ତ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଶିବଶଙ୍କର ପଟ୍ଟନାୟକ, ଶିକ୍ଷକ ଡ. ରବିନାରାୟଣ ମିଶ୍ର, କୃଷ୍ଣଚନ୍ଦ୍ର ମହାପାତ୍ର, କାଳୁଚରଣ ଛୋଟରାୟ, ଦିଗାମ୍ବର ଷଡ଼ଙ୍ଗୀ, ପ୍ରିୟରଞ୍ଜନ ଦାସ, ପ୍ରଦୀପ ପାତ୍ର, ଆଇନଜୀବୀ ପ୍ରଶାନ୍ତ ପାତ୍ର, ଭେଙ୍କଟେଶ ମିଶ୍ରଙ୍କ ମିଳିତ ସହଯୋଗରେ ବିଦ୍ୟାଳୟର ସମସ୍ତ ୬୩ ଛାତ୍ରୀଛାତ୍ରଙ୍କୁ ୟୁନିଫର୍ମ ଦିଆଯାଇଛି। ଅଭିଭାବକ କମିଟିର ଅଧକ୍ଷ ସୁଦୟ ବାଘ ଓ ବହୁ ଅଭିଭାବକ, ଦେଓଘାଟି ଗ୍ରାମର ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ଫିଙ୍ଗାହେଉଛି ମଧ୍ୟାହ୍ନଭୋଜନ, ଖାଉଛନ୍ତି ଗାଈ

ଜୟପୁର,୧୪।୮(ଡି.ଏନ୍.ଏ.)

ଜୟପୁର ସହରର ଜେଇଏଲ୍‌ସି ବିଦ୍ୟାଳୟର ପାଚିକା ଓ ସହାୟକ ବୁଧବାର ଗୋଟିଏ ହାଣ୍ଡି ଭାତ ବାହାରେ ଫିଙ୍ଗି ଦେଇଥିବା ବେଳେ ଏହାକୁ ଗାଈ, କୁକୁର ଖାଉଥିବା ଦେଖିବାକୁ ମିଳିଛି। ଛାତ୍ରୀଛାତ୍ରମାନଙ୍କ ମଧ୍ୟରୁ ଅନେକ ମଧ୍ୟାହ୍ନଭୋଜନ ଖାଉ ନଥିବା ଯୋଗୁ ପ୍ରତ୍ୟେକ ଦିନ ଖାଦ୍ୟ ବାହାରେ ଫିଙ୍ଗାଯାଉଥିବା ପ୍ରଧାନ ଶିକ୍ଷୟିତ୍ରୀ ଭି. ସୁଚେତା କୃପାଳିନୀ, ୨ ଜଣ ପାଚିକା ଓ ସହାୟକ କହିଛନ୍ତି। କ୍ଲଷ୍ଟର ଓ ବ୍ଲକସ୍ତରୀୟ ବୈଠକରେ ଏନେଇ ବାରମ୍ବାର ଅଭିଯୋଗ କରାଯାଇଛି। କିନ୍ତୁ କୌଣସି ସୁଫଳ ମିଳିନାହିଁ । ଉଲ୍ଲେଖଯୋଗ୍ୟ, ଏକ ଅନ୍ତର୍ରାଷ୍ଟ୍ରୀୟ ଏନ୍‌ଜିଓ କେନ୍ଦ୍ରୀୟ ରୋଷେଇଶାଳା ମାଧ୍ୟମରେ ମଧ୍ୟାହ୍ନଭୋଜନ ପ୍ରସ୍ତୁତ କରି ୨ ବର୍ଷ ହେଲାଣି ଖାଦ୍ୟ ଯୋଗାଇଆସୁଛି।



ବାହାରେ ଫିଙ୍ଗା ଯାଇଥିବା ମଧ୍ୟାହ୍ନ ଭୋଜନକୁ ଗାଈ ଖାଉଛି।

ଏଠାରୁ କୋରାପୁଟ ଜିଲାର ଜୟପୁର, କୋରାପୁଟ, କୋଟପାଡ଼, ସୁନାବେଡ଼ା ସହରାଞ୍ଚଳ ଓ ଜୟପୁର ବ୍ଲକର ବିଭିନ୍ନ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ମଧ୍ୟାହ୍ନଭୋଜନ ଯୋଗାଣ ହେଉଛି। କିନ୍ତୁ କେତେବେଳେ ଅଣ୍ଡାରେ ପୋକ, ଭାତରେ ଗୋଡ଼ି, ପଥର, ପାଣିଆ ଡାଲି ଓ ତରକାରୀ ଦିଆଯାଉଥିବା ଅଭିଯୋଗ ହେଉଛି। ଗତ ଜୁଲାଇ ୧୫ରୁ ପ୍ରତ୍ୟେକ ଦିନ ରୋଷେଇ ଶାଳରେ ଜଣେ ଅଧିକାରୀ ଓ ମେଡିକାଲ ଅଧିକାରୀଙ୍କ ଖାଦ୍ୟର ମାନ ଯାଞ୍ଚ କରିବା ପରେ ବିଦ୍ୟାଳୟଗୁଡ଼ିକୁ ଯୋଗାଇଦେବା ପାଇଁ ଜିଲା ଶିକ୍ଷାଧିକାରୀ ନିର୍ଦ୍ଦେଶ ଦେଇଥିଲେ। ଏନେଇ ଉକ୍ତ ବିଦ୍ୟାଳୟର କ୍ଲଷ୍ଟର କମଳାକାନ୍ତ ତ୍ରିପାଠୀଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ, କେନ୍ଦ୍ରୀୟ ରୋଷେଇ ଶାଳର ନିମ୍ନ ମାନର ରନ୍ଧନ ସଫେଇ ନେଇ ବାରମ୍ବାର ଅଭିଯୋଗ ସହ ତାଗିଦ ମଧ କରାଯାଇଛି।

# ସରପଞ୍ଚଙ୍କଠାରୁ ଭତ୍ତାଟଙ୍କା ଲୁଟ୍ ଉଦ୍ୟମ

## ବିଫଳ ହୋଇ ଖସିପଳାଇଲେ ୩ ଦୁର୍ବୃତ୍ତ

ଦଶମନ୍ତପୁର,୧୪।୮(ଡି.ଏନ୍.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଡୁମ୍ବାଗୁଡ଼ା ସରପଞ୍ଚ ନିଜ ପଞ୍ଚାୟତରେ ହିତାଧିକାରୀଙ୍କୁ ବଣ୍ଟନ ପାଇଁ ଭତ୍ତାଟଙ୍କା ଧରି ଆସୁଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କୁ ଲୁଟ୍ ଉଦ୍ୟମ କରିଛନ୍ତି। ଡୁମ୍ବାଗୁଡ଼ା ସରପଞ୍ଚ କବିତ୍ର ପରଜା ଏବଂ ତାଙ୍କ ଶଳା ଡୀର ପରଜା ବୁଧବାର ହିତାଧିକାରୀଙ୍କ ବିଭିନ୍ନ ପ୍ରକାର ଭତ୍ତାଟଙ୍କା ଆଣିବା ପାଇଁ କୋରାପୁଟ ଆସିଥିଲେ। ସେଠାକାର ଏଚ୍‌ଡିଏଫ୍‌ସି ବ୍ୟାଙ୍କରୁ ୧ ଲକ୍ଷ ୩୯ ହଜାର ଟଙ୍କା ଉଠାଇ ନିଜ ଅଞ୍ଚଳକୁ ଫେରୁଥିଲେ। ପୋଡ଼ାଗଡ଼ ପଞ୍ଚାୟତ ବ୍ରାହ୍ମଣଶୁକୁ ନିକଟସ୍ଥ କାଜୁବାଡ଼ ଜଙ୍ଗଲ ରାସ୍ତାରେ ଅପରାହ୍ନ ବେଳେ ଠେଙ୍ଗାବାଡ଼ି ଧରି ଲୁଚିରହିଥିବା ୩ ଜଣ ଦୁର୍ବୃତ୍ତ ହଠାତ୍ ସରପଞ୍ଚଙ୍କ ବାଇକ୍‌କୁ ଅଟକାଇଥିଲେ। ବାଇକ ରହିବା ମାତ୍ରେ ମୁଖାପିନ୍ଧା ଦୁର୍ବୃତ୍ତମାନେ ତାଙ୍କୁ ଆକ୍ରମଣ କରିଥିଲେ। ସେମାନଙ୍କ ଭିତରେ ଧସ୍ତାଧସ୍ତି ଚାଲିଥିବା ବେଳେ ଆଦର୍ଶ ବିଦ୍ୟାଳୟର ପିଲାଙ୍କୁ ନେଇ ଯାଉଥିବା ଏକ ବୋଲେରୋ ଆସିଥିବା ଦେଖି ଦୁର୍ବୃତ୍ତମାନେ କାଜୁବାଡ଼ ଜଙ୍ଗଲ ଆଡ଼କୁ ଦୌଡ଼ି ପଳାଇଥିଲେ। ଫଳରେ ଏକ ନିଶ୍ଚିତ ଲୁଟ୍‌ରୁ ବର୍ତ୍ତିଯାଇଥିଲେ ସରପଞ୍ଚ। ଦୁର୍ବୃତ୍ତଙ୍କ ଆକ୍ରମଣରେ ତାଙ୍କ ମୁଣ୍ଡ, ଗୋଡ଼, ହାତରେ ଆଘାତ ଲାଗିଛି।




ସରପଞ୍ଚ ଓ ତାଙ୍କର ଶଳା।

■ଆନ୍ତଃଜିଲା କରାଟେ ଚାମ୍ପିୟନଶିପ୍

# ଉତ୍କଳ କରାଟେ ସ୍କୁଲ ଜିତିଲା ୧୮ ପଦକ



ପଦକ ଜିତିଥିବା କରାଟେ ଖେଳାଳିମାନେ।

ସେମିଳିଗୁଡ଼ା,୧୪।୮(ସ୍ୱ.ପ୍ର.)

ଉମରକୋଟଠାରେ ପ୍ରଥମ ଆନ୍ତଃଜିଲା ସୁକୋକାଇ କରାଟେ ଚାମ୍ପିୟନଶିପ୍ ଆୟୋଜିତ ହୋଇଛି। ଉତ୍କଳ କରାଟେ ସ୍କୁଲ ଉମରକୋଟର ଥାର୍ଡ ଡନ୍ ବ୍ଲାକ ବେଲ୍ଟଧାରୀ ସରୋଜ ପଟ୍ଟନାୟକଙ୍କ ଆୟୋଜନରେ ହୋଇଥିବା ଏହି କ୍ରୀଡ଼ା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଓ ସମ୍ମାନିତ ଅତିଥି ଭାବେ ତହସିଲଦାର ଧର୍ମରାଜ ମାଝି, ବାର୍ ଆସୋସିଏଶନର ସଭାପତି ପ୍ରଶାନ୍ତ ସାହୁ ଯୋଗ ଦେଇଥିଲେ। ଏଥିରେ କରାଟେକା ଆରିୟନ ପଟ୍ଟନାୟକ, ହିତେଶ ପୋଦାର, ଜି. ଅର୍ଣ୍ଣବ, ହର୍ଷଦ କୁମାର ଓ ଆୟୁଷି ଅର୍ପିତା ଉଭୟ କାଟା ଓ ଫାଇଟିଂରେ ୨ଟି ଲେଖାଏଁ ସ୍ୱର୍ଣ୍ଣ ପଦକ ପାଇଥିବା ବେଳେ ଅନ୍‌ମୋଲ ପାଢ଼ୀ, ଅଭିଷେକ ପାଢ଼ୀ ଓ ଦୀପ୍ତି ନାମଦେଓ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ଗୋଟିଏ ଲେଖାଏ ରୌପ୍ୟ ପଦକ ପାଇଛନ୍ତି। ବାବୁଲାଲ ପାଙ୍ଗିଙ୍କୁ ୨ଟି ବ୍ରୋଞ୍ଜ ପଦକ ମିଳିଛି। କୋଚ୍ ରାଜେନ୍ଦ୍ର ସାମଲ ଓ ସୁନାବେଡ଼ାର ମୁଖ୍ୟ କୋଚ୍ ମହେଶ ବରାଳ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

■ କଳା ଦିବସ ପାଳିବେ ମାଓବାଦୀ

# ଅବିଭକ୍ତ କୋରାପୁଟରେ ହାଇ ଆଲର୍ଟ

ଜୟପୁର,୧୪।୮(ନି.ପ୍ର.)

ଅଗଷ୍ଟ ୧୫କୁ କଳା ଦିବସ ଭାବେ ପାଳିବା ପାଇଁ ମାଓବାଦୀମାନେ ଆହ୍ୱାନ ଦେଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବା ସହ ଅବିଭକ୍ତ କୋରାପୁଟ ଜିଲାରେ ହାଇ ଆଲର୍ଟ ଜାରି କରାଯାଇଛି। ଗତ ସ୍ୱାଧୀନତା ଦିବସରେ କଡ଼ା ସୁରକ୍ଷା ସତ୍ତ୍ୱେ ଅବିଭକ୍ତ କୋରାପୁଟ ଜିଲାର ଦୁର୍ଗମ ଇଲାକାରେ ମାଓବାଦୀମାନେ ବହୁ ସଂଖ୍ୟାରେ ପୋଷ୍ଟର, ବ୍ୟାନର ଓ କଳା ପତାକା ଲଗାଇଥିଲେ। ମାଓବାଦୀଙ୍କ ଏହି ଡାକରା ଯୋଗୁ ନାରାୟଣପାଟଣା, ବନ୍ଧୁଗାଁ, ଲକ୍ଷ୍ମୀପୁର, ଲମତାପୁଟ, ବୈପାରିଗୁଡ଼ା, ରାମଗିରି, କୁନ୍ଦୁରା, ନନ୍ଦପୁର, ପଦ୍ମାଙ୍ଗି, ଲମତାପୁଟ, ମାଛକୁଣ୍ଡ ସୀମାନ୍ତର ସ୍କୁଲଗୁଡ଼ିକରେ ସ୍ୱାଧୀନତା ଦିବସ ପାଳନ ନେଇ ଆଶଙ୍କା ସୃଷ୍ଟି ହୋଇଛି। ଏନେଇ କୋରାପୁଟ ଏସ୍‌ପି କନୱର ବିଶାଳ ସିଂ କହିଛନ୍ତି, ଜିଲାରେ ହାଇ ଆଲର୍ଟ ଜାରି କରାଯାଇ କୋମ୍ବିଂ ଜୋରଦାର କରାଯାଇଛି। ଅନେକ ସ୍ଥାନରେ ଘେରାଉ ସହ ସାମାନ୍ତ ଅଞ୍ଚଳ ସିଲ କରାଯାଇ ଗାଡ଼ି ଯାଞ୍ଚ କରାଯାଉଛି।

# ଅର୍ଥନୈତିକ ଜନଗଣନା ତାଲିମ ଶିବିର



ତାଲିମ ଶିବିରରେ ଉପସ୍ଥିତ ଅତିଥିମାନେ।

ବୈପାରୀଗୁଡ଼ା,୧୪।୮(ଡି.ଏନ୍.ଏ.)

ସ୍ଥାନୀୟ ବ୍ଲକ ଅଫିସ ସଭାଗୃହରେ ମଙ୍ଗଳବାର ସପ୍ତମ ଅର୍ଥନୈତିକ ଜନଗଣନା ତାଲିମ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ବିଡିଓ ରଜନୀକାନ୍ତ ସାହୁ, ତହସିଲଦାର ସଞ୍ଜିବ କୁମାର ସାହୁଙ୍କ ସମେତ ଜିଲା ଯୋଜନା ପରିସଂଖ୍ୟାନ କାର୍ଯ୍ୟାଳୟର ଅର୍ଥନୀତିଜ୍ଞ ଭାରତ ଶେଖର ବେବର୍ତ୍ତା ଓ ତାଲିମଦାତା ଭାବେ ଜନସେବା କେନ୍ଦ୍ରର ଜିଲା ସଂଯୋଜକ ସନ୍ତୋଷ କୁମାର ନାୟକ ଯୋଗ ଦେଇଥିଲେ । ଶିବିରରେ ଉକ୍ତ ଜନଗଣନା କାର୍ଯ୍ୟରେ ନିୟୋଜିତ ୪୦ ଜଣ ଗଣନାକାରୀ ତାଲିମ ନେଇଥିଲେ । ତାଲିମଦାତା ନାୟକ ଗ୍ରାମାଞ୍ଚଳର ଆର୍ଥିକ ବିକାଶ ଓ ଅବନତି ଉପରେ ଆଲୋକପାତ କରିବା ସହ ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଆର୍ଥିକ ସ୍ଥିତି ଓ ବୃତ୍ତି ଉପରେ କିପରି ସର୍ଭେ କରାଯିବ, ସେ ସଂପର୍କରେ ପ୍ରଶିକ୍ଷାର୍ଥୀଙ୍କୁ ବୁଝାଇଥିଲେ। ଏହି ସର୍ଭେ ଆସନ୍ତା ୧୬ରୁ ଆରମ୍ଭ ହୋଇ ଚଳିତ ବର୍ଷ ଶେଷ ଆଡ଼କୁ ସମାପ୍ତ ହେବ।

## କୋରାପୁଟରେ ପତାକା ଉତ୍ତୋଳନ କରିବେ ଦକ୍ଷତା ବିକାଶ ମନ୍ତ୍ରୀ

କୋରାପୁଟ,୧୪।୮(ସ୍ୱ.ପ୍ର.)

କୋରାପୁଟ ପୋଲିସ ପଡ଼ିଆରେ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ବୁଧବାର ଅତିରିକ୍ତ ଏସ୍‌ପି ଉତ୍କଳ ରଞ୍ଜନ ଦାସଙ୍କ ତତ୍ତ୍ୱାବଧାନରେ ପୋଲିସ ପଡ଼ିଆରେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ପତାକା ଉତ୍ତୋଳନ ସ୍ଥାନରେ ସନ୍ଧାନୀ କୁକୁର ଦ୍ୱାରା ତଲାସି କରାଯାଇଛି। ବୁଧବାର ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଦକ୍ଷତା ବିକାଶ ମନ୍ତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବାହ୍ନ ୯ଟା ୧୫ରେ ପତାକା ଉତ୍ତୋଳନ କରିବେ। ସ୍ୱାଧୀନତା ଦିବସ ପାଇଁ ଜିଲାର ମାଓବାଦୀ ପ୍ରବଣ ନାରାୟଣପାଟଣା, ବନ୍ଧୁଗାଁ, ଲମତାପୁଟ, ଲକ୍ଷ୍ମୀପୁର, ପଦ୍ମାଙ୍ଗି, ସେମିଳିଗୁଡ଼ା, ବୈପାରିଗୁଡ଼ା ଅଞ୍ଚଳର ସମସ୍ତ ଥାନାକୁ ହାଇ ଆଲର୍ଟରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ସୀମାର ସମସ୍ତ ତନଖି ଫାଟକରେ ବ୍ୟାପକ ପୋଲିସ ମୁତୟନ କରାଯାଇ ଯାନବାହାନ ଯାଞ୍ଚ କରାଯାଉଛି।

## ଦରମା ପାଇଁ ସୁରକ୍ଷାକର୍ମୀ, ସଫେଇ କର୍ମଚାରୀଙ୍କ ଧାରଣା

କୋରାପୁଟ,୧୪।୮(ସ୍ୱ.ପ୍ର.)

ବକେୟା ଦରମା ପ୍ରଦାନ ଦାବୀ କରି କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସପିଟାଲରେ କାର୍ଯ୍ୟରତ ସମସ୍ତ ସୁରକ୍ଷା କର୍ମୀ ଓ ସଫେଇ କର୍ମଚାରୀ ମଙ୍ଗଳବାର ସ୍ଥାନୀୟ ମେଡିକାଲ କଲେଜର ପ୍ରଶାସନିକ ଭବନ ସମ୍ମୁଖରେ ଧାରଣା ଦେଇଛନ୍ତି । ସେମାନେ ଦାବୀପତ୍ରରେ ଦର୍ଶାଇଛନ୍ତି ଯେ ଗତ ଏପ୍ରିଲ ମାସରୁ ଆମକୁ ମାସିକ ଦରମା ପ୍ରଦାନ କରାଯାଇନଥିବା ଯୋଗୁଁ ବହୁ ଅସୁବିଧାରେ ଚଳୁଥିବାବେଳେ ପରିବାର ପରିବାର ପ୍ରତିପୋଷଣ କଷ୍ଟକର ହୋଇଛି । ତେଣୁ ୪ମାସର ଦରମା ତୁର‘ ପ୍ରଦାନ କରିବାକୁ ଦାବୀ କରି ଠିକା କର୍ମଚାରୀ ଡାଲିମ୍ବ କୁମାରି ନାୟକ, ରମେଶ ତୈଳ, ଲକ୍ଷ୍ମୀ ହରିଜନ ଦୁର୍ଯ୍ୟ ବୈଧୁରି, ନିଳ ମାଳି, ଜଗବନ୍ଧୁ ଗୌଡ.ଟି ପରଜା ଆଦି ବହୁ କର୍ମଚାରୀ ସ୍ଥାନୀୟ ମେଡିକାଲ କଲେଜ ସମ୍ମୁଖରେ ଧାରଣା ଦେବା ସହ ଏନେଇ ଏକ ଦାବୀପତ୍ର ମେଡିକାଲ କଲେଜର ଡିନ, ପ୍ରଶାସନିକ ଅଧିକାରୀଙ୍କୁ ପ୍ରଦାନ କରିଥିଲେ ।

■ ଅନ୍ତର୍ଜାତୀୟ ଯୁବ ଦିବସ ପାଳିତ

# ‘ବିଶ୍ୱସ୍ତରରେ ଅଗ୍ରଣୀ ହୋଇପାରିବେ ଯୁବଗୋଷ୍ଠୀ’



ଯୁବ ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ଜନତା।

ସେମିଳିଗୁଡ଼ା,୧୪।୮(ସ୍ୱ.ପ୍ର.)

ସେମିଳିଗୁଡ଼ା ସ୍ଥିତ ଅରବିନ୍ଦ ପାଠାଗାର ଓ ଗବେଷଣା କେନ୍ଦ୍ର ତରଫରୁ ଅନ୍ତର୍ଜାତୀୟ ଯୁବ ଦିବସ ପାଳିତ ହୋଇଛି। ଏହି ଅବସରରେ ‘ଅଳ୍ପରେ ଅନେକ’ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଆଞ୍ଚଳିକତାରୁ ଅନ୍ତର୍ଜାତୀୟ ପର୍ଯ୍ୟନ୍ତ ଯେଉଁ ସବୁ ସମ୍ବଳ ଆମ ଚାରିପାଖରେ ରହିଛି, ସେହି ସମ୍ବଳକୁ ପାଥେୟ କରି ଯୁବଗୋଷ୍ଠୀ ବିଶ୍ୱସ୍ତରରେ ଅଗ୍ରଣୀ ହୋଇପାରିବ। ବହୁ ସମସ୍ୟାଘେରରେ ଥିବା ଯୁବଗୋଷ୍ଠୀ ନିଜ ଜିଜ୍ଞାସା, ଚରିତ୍ରବତାକୁ ନେଇ ସମାଧାନର ରାସ୍ତା ଖୋଜି ପାଇପାରିବ ବୋଲି ଅତିଥିମାନେ କହିଥିଲେ। ଡ. ଝାନ୍ସି ସିଂହଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଆଲୋଚନାଚକ୍ରରେ ଯୁବ ଅଧାପକ ଡ. ଜୟନ୍ତ କୁମାର ସ୍ୱାଇଁ, ହରିଶ୍ଚନ୍ଦ୍ର ଶବର, ଅମିୟ ତ୍ରିପାଠୀ, ମନୋଜ ମଣ୍ଡଳ, ପ୍ରଧାନ ଶିକ୍ଷକ ବିଜୟ ଇଡିଙ୍ଗ ଭାଗନେଇ ସମାଜରେ ଯୁବପିଢ଼ିର ଶିକ୍ଷା, ସ୍ୱାସ୍ଥ୍ୟ, ସଂସ୍କୃତି ଏବଂ ନୈତିକର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଜୟ ଇଡିଙ୍ଗ, ଆଲାମ ଇଡିଙ୍ଗ, ନଳିନୀ ଗୁଣ୍ଟା, ମୁଳା କାଡାମ, ସୁଜିତ୍ ସିଂ ଉପସ୍ଥିତ ଥିଲେ।

# ଜବରଦଖଲ ହଟାଇବାକୁ ପଦକ୍ଷେପ

## ନିର୍ବାହୀ ଅଧିକାରୀଙ୍କ ତତ୍ପରତା

ସେମିଳିଗୁଡ଼ା,୧୪।୮(ସ୍ୱ.ପ୍ର.)

ସରକାରୀ ଜମି ବାରମ୍ବାର ଜବରଦଖଲକୁ ଯାଉଥିଲେ ମଧ ପ୍ରଶାସନ ଆଖିବୁଜିଆ ପଦକ୍ଷେପ ନେଉ ନଥିଲା। କିନ୍ତୁ ସୁନାବେଡ଼ା ପୌର ପରିଷଦର ନିର୍ବାହୀ ଅଧିକାରୀଙ୍କ ଦୃଷ୍ଟିକୁ ଏହା ଆସିବା ପରେ ସେ ତୁରନ୍ତ ଜବରଦଖଲ ହୋଇଥିବା ସ୍ଥାନକୁ ତୁରନ୍ତ ଭାଙ୍ଗିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସୁନାବେଡ଼ା, ସେମିଳିଗୁଡ଼ା ଅଞ୍ଚଳରେ ବହୁ ସରକାରୀ ଜମିରେ ଜବରଦଖଲ ହୋଇଛି। ସେହିପରି କିଛି ଦିନ ହେଲା ସୁନାବେଡ଼ା ଏଇଏଫ୍ କଲୋନିର ୬ ନମ୍ବର ୱାର୍ଡର ମୁଖ୍ୟରାସ୍ତା ଉପରେ ଥିବା ସରକାରୀ ଜମିରେ ଜଣେ ବ୍ୟକ୍ତି ଘର କରୁଥିବା ଜଣାପଡ଼ିଛି। ଛକଠାରୁ ମାତ୍ର ଅଳ୍ପ ଦୂର ଜନଗହଳିପୂର୍ଣ୍ଣ ପିଡବ୍ଲୁଡି ବିଭାଗ ରାସ୍ତାକଡ଼ରେ ଜବରଦଖଲକାରୀ ଘର କରିବା ଆରମ୍ଭ କରିଛନ୍ତି। ଏହାର ୩ ଦିନ ବିତି ଯାଇଥିଲେ ମଧ ରାଜସ୍ୱ ବିଭାଗ କିମ୍ବା ପୌରସଂସ୍ଥା କୌଣସି ପଦକ୍ଷେପ ନେଇ ନଥିଲା। ନିକଟରେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ରହିଥିଲେ ମଧ କିଛି ପ୍ରଭାବ ପଡ଼ିନାହିଁ। କିନ୍ତୁ ପୌର ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାରଙ୍କ ଦୃଷ୍ଟିକୁ ଏହା ଆସିବା ପରେ ସେ ତୁରନ୍ତ ପଦକ୍ଷେପ ନେଇଛନ୍ତି। ନିର୍ମାଣ କାମ ପ୍ରଥମେ ବନ୍ଦ କରିବା ପାଇଁ ନୋଟିସ୍ ଦିଆଯାଇଥିବା ସେ କହିଛନ୍ତି। ଅଞ୍ଚଳରେ ଏପରି ଜବରଦଖଲ ପରେ ନିର୍ମାଣ କାମ ଚାଲିଥିବା ତାଙ୍କ ନଜରକୁ ଆସିଲେ ତୁରନ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ସେ କହିଛନ୍ତି।



ରାସ୍ତା ପାଖରେ ଜବରଦଖଲ ସହ ନିର୍ମାଣ କାମ ଚାଲିଛି।

# ଟିକ୍‌ଟକ୍ ମାନିଆରେ ସହରର ଯୁବପିଢ଼ି

ଜୟପୁର,୧୪।୮(ଡି.ଏନ୍.ଏ.)

ଫଟୋରେ ଥିବା ଯୁବକମାନେ ମେକଅପ୍ ନେବାରେ ବ୍ୟସ୍ତ। ଏମାନେ କୌଣସି ସିନେମାର ସୁଟିଂ ପାଇଁ ନୁହେଁ, ବରଂ ଟିକ୍‌ଟକ୍ ଆପ୍‌ରେ ନିଜ କଳା ଦେଖାଇବା ପାଇଁ ନିଜକୁ ମେକ୍‌ଅପ୍‌ରେ ସଜାଉଛନ୍ତି। ଟିକ୍‌ଟକ୍ ଆପ୍‌ର ମାନିଆ ଏବେମଧ ଯୁବପିଢ଼ିଙ୍କୁ ଘାରିଛି। ଜୟପୁର ସହରର ଏନ୍.କେ.ଟି ରୋଡର ପ୍ରାୟ ୧୦ରୁ ୧୨ ଜଣ ଯୁବକ ଟିକ୍‌ଟକ୍ ଭିଡିଓ ପ୍ରସ୍ତୁତ କରିବା ପାଇଁ ନିଜକୁ ସଜାଉଥିବା ଦେଖିବାକୁ ମିଳିଥିଲା। ପି. ରମେଶ, ଆକାଶ କୁମାର, ଜି. ରାକେଶ, ପ୍ରଦୀପ ରାୟ, ଆର୍. କଲ୍ୟାଣ, ଏସ୍. କୁମାର, ଏନ୍. ଭେଙ୍କଟେଶ, ଜି. ସୂର୍ଯ୍ୟା, ଏସ୍. କୀର୍ତ୍ତନ। ଏମାନେ ସମସ୍ତେ ଯୁକ୍ତ ୨ ଏବଂ ଆଇଟିଆଇର ଛାତ୍ର। ଏମାନେ ନିଜ ଟିକ୍‌ଟକ୍ ଆକାଉଣ୍ଟରେ ୫୦୦ରୁ ଅଧିକ ତେଲୁଗୁ ଓ ହିନ୍ଦୀ ଭାଷାର ଭିଡିଓ ଅପ୍‌ଲୋଡ କରି ଲୋକପ୍ରିୟତା ପାଇଲେଣି। ଏହା ସେମାନଙ୍କ ଭିତରର ଅଭିନୟ ପ୍ରତିଭାକୁ ନୂଆ ବାଟ ଦେଖାଇଛି। ଆଗାମୀ ଦିନରେ ସେମାନେ ଛୋଟ ଅବଧିର ସିନେମା କରିବା ସହ ୟୁଟ୍ୟୁବରେ ଏହାକୁ ଅପଲୋଡ୍ କରିବା ପାଇଁ ଚେଷ୍ଟା ଚାଲିଥିବା ସେମାନଙ୍କ ମଧ୍ୟରୁ ଜଣେ କହିଛନ୍ତି। ସେମାନଙ୍କ ପ୍ରସ୍ତୁତ ଭିଡିଓ କେବଳ ଅନ୍ୟମାନଙ୍କ ମନୋରଞ୍ଜନ ପାଇଁ ନୁହେଁ, ବରଂ ସେମାନେ ନିଜେ ଏଥିରୁ ଆତ୍ମସନ୍ତୋଷ ପାଇବା ସହ ଅନ୍ତର୍ନିହିତ ପ୍ରତିଭା ଫୁଟାଇ ପାରୁଛନ୍ତି ବୋଲି କହିଛନ୍ତି।



ଯୁବକମାନେ ଟିକ୍‌ଟକ୍ ଭିଡ଼ିଓ ପାଇଁ ମେକ୍‌ଅପ୍ ନେଉଛନ୍ତି।

